RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -177 ସଂଖ୍ୟା-୧୭୭
ଭୁବନେଶ୍ୱର, ସୋମବାର ୨୮ ସେପ୍ଟେମ୍ବର ୨୦୨୬
Bhubaneswar, Monday 28 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମହାନଦୀରେ ଆସୁଛି ବନ୍ୟା

## ସୃଷ୍ଟି ହେଉଛି ଆଉ ଏକ ଲଘୁଚାପ



ଭୁବନେଶ୍ୱର,୨୭।୯(ନି.ପ୍ର.); ମହାନଦୀରେ ଆସୁଛି ଛୋଟ ବନ୍ୟା । ଶାଖା ନଦୀ କାଠଯୋଡି, କୁଆଖାଇ, ଦେବୀ, କୁଶଭଦ୍ରା ଓ ଦୟା ନଦୀରେ ବନ୍ୟା ଆସିବ। ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏନେଇ ସୂଚନା ଦେଇଛନ୍ତି । ଚଳିତ ବର୍ଷ ମହାନଦୀରେ ଏହା ଚତୁର୍ଥ ଛୋଟ ଧରଣର ବନ୍ୟା । ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର ବଢ଼ିଛି ।

ହୀରାକୁଦ ଜଳଭଣ୍ଡାରରୁ ୨୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି । ଆବଶ୍ୟକ ପଡ଼ିଲେ ଆସନ୍ତାକାଲି ଆହୁରି କିଛି ଗେଟ୍ ଖୋଲାଯାଇପାରେ । ଆଜି ରାତିରେ ମୁଣ୍ଡଳିରେ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ । ଆସନ୍ତାକାଲି ସକାଳ ୯ଟା ମଧ୍ୟରେ ଏହା ପ୍ରାୟ ୮ ଲକ୍ଷ କ୍ୟୁସେକରେ ପହଞ୍ଚିବାର ଆକଳନ କରାଯାଉଛି । ବନ୍ୟା ଯୋଗୁଁ ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା, ଗୋପ, ଏରସମା, ବାଲିକୁଦା ଓ ପାଟକୁରା ଭଳି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିପାରେ । ଏହି ସ୍ଥିତି ପ୍ରାୟ ୨୪ରୁ ୪୮ ଘଣ୍ଟା ଲାଗି ରହିବାର ଆଶଙ୍କା ରହିଛି। କଟକ, ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇପାରେ ।

ଅନ୍ୟପଟେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି କମୁଛି । ବୈତରଣୀ ଓ ବୁଢ଼ାବଳଙ୍ଗ ନଦୀରେ ମଧ୍ୟ ଜଳସ୍ତର ହ୍ରାସ ପାଉଛି। ଜଳକା ନଦୀରେ ଜଳସ୍ତର ସ୍ଥିର ରହିଛି ଏବଂ ଆଗାମୀ ୨୪ରୁ ୪୮ ଘଣ୍ଟା ସ୍ଥିତି ପ୍ରାୟ ସମାନ ରହିପାରେ। ସାଳନ୍ଦୀ ନଦୀରେ ମଧ୍ୟ ଜଳବନ୍ଦୀ ସ୍ଥିତି ଲାଗିରହିଛି। ବ୍ରାହ୍ମଣୀ ନଦୀରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ । ଦକ୍ଷିଣ ଓଡ଼ିଶାରେ ମଧ୍ୟ ବନ୍ୟାର ପ୍ରଭାବ ଧୀରେଧୀରେ କମିଥିବା କହିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ।

ପୁଣି ସୃଷ୍ଟି ହେଲା ଲଘୁଚାପ । କେନ୍ଦ୍ରୀୟ ଥାଇଲାଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଦକ୍ଷିଣ ମିଆଁମାର ଉପକୂଳ ଉପରେ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୯.୪ କିମି ଉଚ୍ଚତା ଯାଏଁ ବ୍ୟାପିଛି । ଲଘୁଚାପଟି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଆଣ୍ଡାମାନ ସାଗର ଏବଂ ମିଆଁମାରର ସଂଲଗ୍ନ ଇରାୱାଡି ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି ।ଆଗାମୀ ଦୁଇ ଦିନ ମଧ୍ୟରେ ଏହା ମିଆଁମାର-ବାଂଲାଦେଶ ଉପକୂଳ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ଲଘୁଚାପଟି ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି କ୍ଷ ତେବେ ଏହାର ପ୍ରଭାବ ଓଡିଶା ଉପରେ କେତେ ପଡିବ ସେନେଇ ପାଣିପାଗ ବିଭାଗ ତରଫରୁ ସ୍ପଷ୍ଟ କରାଯାଇନି ।



# ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

କୋରାପୁଟ,୨୭।୯: କୋରାପୁଟ ଜିଲାର ବନ୍ୟା ପ୍ରଭାବିତ କୋଟପାଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିରିଞ୍ଜି ଓ ଚାନ୍ଦିଲି ଅଞ୍ଚଳର ବନ୍ୟା ସ୍ଥିତି ପରଖିବା ପରେ ସେ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟରେ ଖୋଲାଯାଇଥିବା ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ ।ଆଶ୍ରୟସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିଥିଲେ । ପ୍ରଶାସନ ପକ୍ଷରୁ ମିଳୁଥିବା ସହାୟତା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ । ଏଥିସହ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ, ଶିଶୁ ଖାଦ୍ୟ ଓ ଔଷଧ ଯୋଗାଣ ବ୍ୟବସ୍ଥା ଯାଞ୍ଚ କରିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କୋରାପୁଟ ଜିଲାର ପ୍ରତ୍ୟେକ ବନ୍ୟା ପୀଡ଼ିତଙ୍କ ସହ ସରକାର ରହିଛନ୍ତି । କ୍ଷୟକ୍ଷତିର ଆକଳନ ପରେ ନିୟମାନୁଯାୟୀ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ବନ୍ୟା ସ୍ଥିତି ନେଇ ସମୀକ୍ଷା ବୈଠକ ହୋଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳ, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ, ଆଶ୍ରୟସ୍ଥଳୀର ସୁବିଧା ଏବଂ ବନ୍ୟାଜନିତ କ୍ଷୟକ୍ଷତି ଆକଳନ ନେଇ ବୈଠକରେ ଆଲୋଚନା ହୋଇଥିଲା ।ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଆଶ୍ରୟସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରଙ୍କୁ ୧୫ ଦିନ ପାଇଁ ଖାଦ୍ୟ, ରାସନ, ପୋଷାକ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ଏଥିସହ ବନ୍ୟା ପୀଡ଼ିତଙ୍କୁ ନିୟମାନୁଯାୟୀ ଅଗ୍ରିମ କ୍ଷତିପୂରଣ ଓ ସହାୟତା ରାଶି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ବନ୍ୟା ପାଣି ଜମି ରହିଥିବା ଚାଷଜମିରୁ ଶୀଘ୍ର ପାଣି ନିଷ୍କାସନ ପାଇଁ ଟେକ୍ନିକାଲ୍ ଟିମ୍ ନିୟୋଜିତ କରାଯିବ। ପାଣି ନିଷ୍କାସନ ପରେ ଜମିରେ ପୁନର୍ବାର କିପରି ଚାଷ କରାଯାଇପାରିବ, ସେନେଇ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବ। ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ସହ ଚାଷ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଓରାଙ୍ଗଉଟାନଙ୍କର ହେବ ଡିଏନଏ ଟେଷ୍ଟ

ଭୁବନେଶ୍ୱର,୨୭।୯(ନି.ପ୍ର.): ଖୁବଶୀଘ୍ର ଓରାଙ୍ଗଉଟାନଙ୍କର ଡିଏନଏ ଟେଷ୍ଟ କରାଯିବ । ଆଉ ଏହା ରାଜ୍ୟ ବାହାରେ ହେବ । ଏନେଇ ରବିବାର ସୂଚନା ଦେଇଛନ୍ତି ୱାଇଲ୍ଡ ଲାଇଫ ପିସିସିଏଫ୍ ପ୍ରେମ ଝା ।ସେ କହିଛନ୍ତି, ଓରାଙ୍ଗଉଟାନଙ୍କ ଡିଏନଏ ଟେଷ୍ଟ କରିବା ପାଇଁ ଆମ ପାଖରେ ଉପଯୁକ୍ତ ଲାବୋରୋଟାରୀ ନାହିଁ। ଏପରିକି ଆମ ଦେଶରେ ମଧ୍ୟ ଏପରି ଲ୍ୟାବ୍ କମ୍ ରହିଛି । ତେଣୁ ଡିଏନଏ ଟେଷ୍ଟ କରିବାରେ ସମୟ ଲାଗୁଛି । ଖୁବଶୀଘ୍ର ସେମିତି ଲ୍ୟାବ ଖୋଜିକି ଆମେ ସେମାନଙ୍କର ଡିଏନଏ ଟେଷ୍ଟ କରିବୁ।

ଏହା ସହ ଶ୍ରୀ ଝା କହିଛନ୍ତି ଯେ, ଓରାଙ୍ଗଉଟାନମାନଙ୍କୁ ଉଦ୍ଧାର କଲାପରେ ଆମେ ସେମାନଙ୍କୁ ନନ୍ଦନକାନନରେ ରଖିଥିଲୁ । ସେଠାରେ ସେମାନଙ୍କର ଉତ୍ତମ ରକ୍ଷଣାବେକ୍ଷଣ ଚାଲିଛି । ନିୟମ ଅନୁସାରେ, ସାଇଟିସ୍‌ରେ ମ୍ୟାନେଜମେଣ୍ଟ ଅଥରିଟି ହିଁ କହିପାରିବେ କି ଆମେ ତାଙ୍କୁ ଏଠାରେ ରଖିବୁ ନା ସେମାନଙ୍କର ଜନ୍ମସ୍ଥାନକୁ ପଠାଇବୁ। ନନ୍ଦନକାନନରେ ୫ ଓରାଙ୍ଗଓଟାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସେ କହିଛନ୍ତି ।

# ପୁଲିସ ଜାଲରେ ସୁନା ଲୁଟେରା

ପାରାଦୀପ,୨୭/୯ :- ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯୋଗ ଦେବା ଦିନ ଠାରୁ ରଚି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଇତିହାସ । ପାରାଦୀପ ତାରିଣିଗଡା ସାଧନା ଜୁଏଲାରୀ ରେ ବନ୍ଧୁକ ମୁନରେ ଫିଲ୍ମ ଷ୍ଟାଇଲ ରେ ଲୁଟ ଘଟଣା ଚବିଶ ଘଣ୍ଟା ନ ପୂରୁଣୁ ଅଭିଯୁକ୍ତ କିପରି ଲୁଟ କରିଥିଲା ତାହାର ସମସ୍ତ ଗୁମର ଖୋଲିଛନ୍ତି ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା । ସୁଦୂର ବାଲେଶ୍ୱର ଜିଲ୍ଲା ରୁ ଆସି କିଛିମାସ ତଳେ ଏକ କମ୍ପାନୀରେ ସୁପରଭାଇଜର ଚାକିରୀ କରିଥିଲା ଅଭିଯୁକ୍ତ ଲୁଟେରା ।



ତାରିଣିଗଡା ଗିରିଧାରୀ ଛକ ନିକଟରେ କମ୍ପାନୀ ଗେଷ୍ଟହାଉସ ରେ ରହିବା ସହିତ ଅଭିଯୁକ୍ତ ଉକ୍ତ ଜୁଏଲାରୀ ରୁ ଲୁଟ କରିବା ପାଇଁ ତିଆରି କରିଥିଲା ସମସ୍ତ ବ୍ଲୁ ପ୍ରିଣ୍ଟ କ୍ଷ ଫ୍ଲିପକାର୍ଟ ରୁ ଏକ ନକଲି ଖେଳନା ବନ୍ଧୁକ ମଗାଇବା ସହିତ ଉକ୍ତ ଜୁଏଲାରୀ ଦୋକାନ କୁ ଦୁଇଥର ଯିବା ପରେ ଶନିବାର ଅପରାହ୍ନ ରେ ହଠାତ ଏକ ପଲସର ବାଇକ ଯୋଗେ ତାରିଣୀଗଡା ର ସାଧନା ଜୁଏଲାରୀ ରେ ପହଞ୍ଚିବା ସହିତ ଉକ୍ତ ସୁନା ଦୋକାନ ର ଦୁଇଜଣ ମହିଳା କର୍ମଚାରୀ ଙ୍କୁ ନକଲି ବନ୍ଧୁକ ଦେଖାଇ ଭୟଭୀତ କରିବା ସହିତ ଲକ୍ଷାଧିକ ଟଙ୍କା ର ସୁନା ମୁଦି ନେଇ ଫେରାର ହୋଇଯାଇଥିଲା । ଯାହାକୁ ନେଇ ପାରାଦୀପ ଆଦର୍ଶ ଥାନା ପୋଲିସ ସିସିଟିଭି ଯାଞ୍ଚ କରିବା ସହିତ ଅଭିଯୁକ୍ତ କୁ ଧରିବାକୁ ଜୋରଦାର ତନାଘନା କରିବା ସହିତ ବିଳମ୍ବିତ ରାତ୍ରିରେ ଅଭିଯୁକ୍ତ କୁ ଗିରଫ କରିବା ସହିତ ସମସ୍ତ ସାମଗ୍ରୀ ଜବତ କରିଛି ପୋଲିସ । ତେବେ ଘଟଣାର ୨୪ ଘଣ୍ଟା ମଧ୍ୟରେ ପୋଲିସ ଚୋରକୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଜବତ କରିବା ଘଟଣା ସହରରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଗିରଫ ହୋଇଥିବା ଯୁବକ ଜଣକ ହେଲେ ବାଲେଶ୍ୱର ର ସିଙ୍ଗଲ ଥାନା ଅନ୍ତର୍ଗତ ସେନ୍ଦିରୀ ଗ୍ରାମର ତୁଷାର କୁମାର ସାହୁ (୨୬) ।ଚୋରି କରି ତାରିଣିଗଡା ର ଏକ ଗେଷ୍ଟହାଉସ ରେ ଥିବା ବେଳେ ପୋଲିସ ଅନୁସନ୍ଧାନ କରି ତାକୁ କାବୁ କରିଥିଲା। ଅଭିଯୁକ୍ତ ନିକଟରୁ ୨୩ ଟି ସୁନାମୁଦି, ଗୋଟିଏ ବନ୍ଧୁକ ଗୋଟିଏ ପଲସର ବାଇକ ପୋଲିସ ଜବତ କରିଥିଲା । ସେହିପରି ଲକ ଥାନା ପୁଲିସ ଜାଲରେ ପାରେଶ୍ୱର କଲୋନୀ ରୁ ଏକ ଚୋରି ଘଟଣାରେ ବଡ଼ପାଳ ଗ୍ରାମର ଆଶୁତୋଷ ବେହେରା (୧୯) ଓରଫ ଲକି ଓ ନିମିଢ଼ି ଗ୍ରାମର ମନୋଜ ଦାସ (୨୬) ଓରଫ ଅଜୟ ଙ୍କୁ ଲକ ପୋଲିସ ଗିରଫ କରି ସେମାନଙ୍କ ନିକଟରୁ ଚୋରି ହୋଇଥିବା ପାନାସୋନିକ ର ଦୁଇଟି ଏଲଇଡ଼ି ଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା କ୍ଷ ତେବେ ଏହି ଘଟଣାର ପର୍ଦ୍ଦାଫାଶ କୁ ନେଇ ରବିବାର ଦିନ ପାରାଦୀପ ଆଦର୍ଶ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ (ଏସପି) ଅଙ୍କିତ କୁମାର ବର୍ମା ଘଟଣା ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିବା ସହ ଘର ମାଲିକ ମାନେ ଭଡାଟିଆ ମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ସ୍ଥାନୀୟ ଥାନାରେ ଜଣାଇବା ନେଇ ରୋକ ଠୋକ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡ଼ିଏସପି ତଥା ପାରାଦୀପ ଭାରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନ୍ଦ୍ର କୁମାର ପାତ୍ର, ଆଦର୍ଶ ଥାନା ଅଧିକାରିଣୀ ବବିତା ଦେହୁରୀ, ଲକ ଥାନା ଆଇଆଇସି ରଶ୍ମି ରଞ୍ଜନ ଉପସ୍ଥିତ ଥିଲେ । ଆସନ୍ତା କାଲି ସମସ୍ତ ତିନିଜଣ ଅଭିଯୁକ୍ତ ଙ୍କୁ କୋର୍ଟ ଫରୱାର୍ଡ କରାଯିବ ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି ।

# ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିପୁଳ ସଂପତ୍ତି

## ୨ ବହୁତଳ କୋଠା, ୬ ପ୍ଲଟ୍, ଗାଡି; ଚଢ଼ାଉ ଜାରି

ମାଲକାନଗିରି,୨୭।୯(ନି.ପ୍ର.): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଉଇ) ଶିଶିର କୁମାର ଦାଶଙ୍କ ଘରେ ରବିବାର ଭିଜିଲାନ୍ସ ଚାଉ କରିଥିବା ବେଳେ ତାଙ୍କର ସଂପତ୍ତି ସଂପର୍କିତ ସୂଚନା ସାମ୍ନାକୁ ଆସିଛି। ଚାଉ ଜାରି ରହିଥିବା ବେଳେ ତାଙ୍କର ୨ଟି ବହୁତଳ କୋଠା, ୬ଟି ମୂଲ୍ୟବାନ ପ୍ଲଟ୍, ଗୋଟିଏ ଚାରି ଚକିଆ ଗାଡି ସହିତ ଅନ୍ୟାନ୍ୟ ସଂପତ୍ତି ଠାବ କରାଯାଇଛି।



ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରର ବରମୁଣ୍ଡାରେ ତାଙ୍କର ଏକ ୪ ମହଲା କୋଠା ଅଛି। ଏହା ପ୍ରାୟ ୬,୭୬୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ସେହିପରି ବ୍ରହ୍ମପୁରର ନୀଳାଚଳ ନଗରରେ ତାଙ୍କର ଏକ ଦୁଇ ମହଲା କୋଠା ଅଛି। ଏହାକୁ ପ୍ରାୟ ୨,୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ କରାଯାଇଛି।

ଶ୍ରୀ ଦାଶଙ୍କର ୬ଟି ମୂଲ୍ୟବାନ ପ୍ଲଟ୍ ଥିବା ବେଳେ ସେଥିରୁ ୩ଟି ବ୍ରହ୍ମପୁରରେ ରହିଛି। ବାକି ତିନୋଟିରୁ ଗୋଟିଏ ପୁରୀ, ଗୋଟିଏ ଖୋର୍ଦ୍ଧା ଓ ଗୋଟିଏ ଗଞ୍ଜାମର ଗୋବରାରେ ଅଛି। ଏହି ସବୁ କୋଠା ଓ ପ୍ଲଟ୍‌ର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ କମିଟି ପକ୍ଷରୁ ମାପଚୁପ ଓ ହିସାବ ଜାରି ରହିଛି।

ଏସବୁ ସହିତ ଶ୍ରୀ ଦାଶଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଅଛି। ସେ ଅନ୍ୟାନ୍ୟ ନିବେଶ ମଧ୍ୟ କରିଛନ୍ତି। ଏନେଇ ଭିଜିଲାନ୍ସର ଯାଞ୍ଚ ଜାରି ରହିଛି। ତାଙ୍କର ଗୋଟିଏ କାର (Hyundai i10 car) ଓ ୩ଟି ଦୁଇ ଚକିଆ ଗାଡି ଅଛି। ଭିଜିଲାନ୍ସ ପକ୍ଷରୁ ଖୋଳତାଡ ଜାରି ରହିଥିବା ବେଳେ ତାଙ୍କର ଆହୁରି ସଂପତ୍ତି ଥିବା ନେଇ ଆଶଙ୍କା କରୁଛି ଭିଜିଲାନ୍ସ।

ସୂଚନାଯୋଗ୍ୟ, ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭୁବନେଶ୍ୱରର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ଏସଇ), ରୋଡ୍ସ ଏଣ୍ଡ ବିଲ୍ଡିଂସ୍ (ଜଠଇ) ଡିଭିଜନ-୧ଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ବନଲତା ମହାନ୍ତି ଓ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକଙ୍କୁ ଗତକାଲି ଭିଜିଲାନ୍ସ ଗିରଫ କରିଥିବା ବେଳେ ଆଜି ଆଉ ୪ ଜଣଙ୍କୁ ଗିରଫ କରିଛି। ସେମାନେ ମଧ୍ୟ ସେହି କାର୍ଯ୍ୟାଳୟର କର୍ମଚାରୀ । ସେମାନେ ବନଲତା ମହାନ୍ତି ଓ ବିଭୁଦତ୍ତ ନାୟକଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ।

### ଆଜିଠୁ ଦେଶବ୍ୟାପୀ ୩ ଦିନିଆ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର : ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ସୋମବାର ଠାରୁ ୩ ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ସପ୍ତାହରେ ୫ ଦିନ କାର୍ଯ୍ୟଦିବସକୁ ଲାଗୁ କରିବା ସହିତ ଅନ୍ୟାନ୍ୟ ଦାବିରେ ରାଷ୍ଟ୍ରାୟତ୍ତ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇଛନ୍ତି।

### ଡାହୁକ



ଭାଉ ଖାଇବାକୁ ବାହାପିଆ କଥା
ଲୋକଙ୍କୁ ଦେଖେଇ ହୋଇ
ଯେମିତିକା ମୋଦି ସେମିତି ମୋହନ
କଥାମ ନୁହନ୍ତି କେହି
ବଡବାଡିଆଙ୍କୁ କୁଣ୍ଢେଇ ମୁଣ୍ଢେଇ
ଦେଶ ସମ୍ପତ୍ତିକୁ ଦେଇ
ହାଁ ହାଁ ହୋଇ କୁଦିବାରେ ବେସ୍ତ
ତଉବ ପ୍ରୁହାଷ ପାଇଁ

# ଏମଏମଡିଆର୍ ବିରୁଦ୍ଧରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଞ୍ଚଳିକ ସମାବେଶ

## ମିଛ ପ୍ରତିଶ୍ରୁତିରେ ରାଜ୍ୟର ବିକାଶ ଗାଉଥିବା ଡବଲ ଇଞ୍ଜିନ ସରକାର ଆଜି ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୁଦ୍ଧରେ ଖେଳୁଛି- ଭକ୍ତ ଦାସ

ଅନୁଗୋଳ,୨୭।୯(ନି.ପ୍ର.): ଅନୁଗୋଳ ବିଜୁ ମଇଦାନ ଠାରେ ଆଜି ମଧ୍ୟାହ୍ନରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ପାଞ୍ଚ ଜିଲ୍ଲାକୁ ନେଇ ଏକ ଆଞ୍ଚଳିକ ସମାବେଶ ଅନୁଗୋଳ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ମିଛ ପ୍ରତିଶ୍ରୁତିରେ ରାଜ୍ୟର ବିକାଶ ଗାଉଥିବା ଡବଲ ଇଞ୍ଜିନ ସରକାର ଆଜି ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୁଦ୍ଧରେ ଖେଳୁଛି ବୋଲି ପ୍ରକାଶ କରିଥିଲେ। ରାଜ୍ୟର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଜଳାଞ୍ଜଳୀ ଦେଇ ଏମଏମଡିଆର ସଂଶୋଧନ ଅଧିନିୟମକୁ ତରବରିଆ ଭାବେ ପାରିତ କରାଇ ନେଇ ଆମକୁ ପୁଣି ଦୁର୍ବଳ କରିବା ପାଇଁ ଏକ ଗିରିଟିଆ ମନ୍ତ୍ରଣା କରିଛନ୍ତି। ଫଳରେ ରାଜ୍ୟ ମାସକୁ ୧୨ ରୁ ୨୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ ଓ ଆଦାୟ କରିବାକୁ ଥିବା ୧,୧୦,୦୦୦ କୋଟି ଟଙ୍କା ଆଉ ଆଦାୟ କରି ପାରିବ ନାହିଁ। ଆଜି ରାଜ୍ୟ ବେରୋଜଗାରୀ ଓ ଦର ଦାମ ବୃଦ୍ଧିକୁ ନେଇ ସଂଗ୍ରାମ କରୁଛି। ସେସବୁକୁ ଭ୍ରୁକ୍ଷେପ ନକରି ସରକାର ଜନତାଙ୍କ ଉପରେ ଆହୁରି ଲଳିତା ଲଦିବାକୁ ପଛାଉ ନାହିଁ।

ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସଂପର୍କରେ ଆଲୋଚନା କରିବାକୁ ଯାଇ କହିଲେ ଯେ ରାଜ୍ୟର ପ୍ରାୟ ୪୫,୦୦୦ ମହିଳା ଓ କନ୍ୟା ଅପହୃତା ହୋଇ ନିଖୋଜ ଥିବା ବେଳେ ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ କୋମଳମତି ନାବାଳିକା ଓ ମହିଳା ଧର୍ଷଣର ଶିକାର ହୋଇଛନ୍ତି। ସରକାର ବିଦେଶୀ ପୁଞ୍ଜି ସଂଗ୍ରହ ପାଇଁ ଦେଶ ଭ୍ରମଣ କରି ରାଜସ୍ୱ ହାନି କରୁଥିବା ବେଳେ ରାଜ୍ୟର ପ୍ରତି ୧୦ଜଣରେ ଜଣେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି, ଯାହାକି ନଗ୍ନ ଛବି ଆମ ରାଜ୍ୟର ବୋଲି ଉଦବେଗର ସହ ପ୍ରକାଶ କରିଥିଲେ। ସମାବେଶକୁ




ଉଦବୋଧନ ଦେଇ ଅନୁଗୋଳ ଜିଲ୍ଲାର ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ଅନୁଗୋଳ ଜିଲ୍ଲା ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଭରପୁର ଥିବା ବେଳେ ଖଣି ଓ ଖଣିଜ ପଦାର୍ଥର ବ୍ୟାପକ ଅପବ୍ୟବହାର ଓ ଶୋଷଣ ବର୍ତ୍ତମାନ ଅନୁଗୋଳ ଜିଲ୍ଲା ବିଶ୍ୱ ମାନଚିତ୍ରରେ ଏକ ପ୍ରଦୁଷିତ ଜିଲ୍ଲା ଭାବରେ ଅପବାଦ ବିମଣ୍ଡିତ ହୋଇଛି। ଏନସିପି ଦଳର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ଯୋଗଦେଇ କେନ୍ଦ୍ର ସରକାର ଯଦି ଏହି କଳା ଆଇନକୁ ଯଥାଶୀଘ୍ର ପ୍ରତ୍ୟାହାର ନ କରେ, ଏ ଆନ୍ଦୋଳନ ଆହୁରି ତୀବ୍ର ହେବ, ସେଥିପାଇଁ ଡବଲ ଇଞ୍ଜିନ ସରକାର ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଉପସ୍ଥାପନ କରି ଏମଏମଡିଆର ସଂଶୋଧନ ଅଧିନିୟମ ରାଜ୍ୟର ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ସାଜି ଓଡ଼ିଶାର ଖଣି ଓ ଖଣିଜ ପଦାର୍ଥକୁ ଆଦାନୀ ଓ ଅମ୍ବାନୀ ଜରିଆରେ ହରିଲୁଟ୍ କରିବା ପାଇଁ ଏକ ଯୋଜନାବଦ୍ଧ ଚକ୍ରାନ୍ତ କରାଯାଇଥିବା ପ୍ରକାଶ କରିଥିଲେ। ସେହିପରି ଆଞ୍ଚଳିକ ସମାବେଶକୁ ସଫଳ କରିବା ପାଇଁ ଆୟୋଜନ କମିଟିର ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ ଯୋଗଦେଇ ଅନୁଗୋଳ ଜିଲ୍ଲା ବିଶେଷ କରିଛେଣ୍ଡିପଦା ଅଞ୍ଚଳ ଏକ ଚାଷୀ ଅଞ୍ଚଳ ହୋଇଥିବାରୁ ନିର୍ବାଚନ ବେଳେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ଛେଣ୍ଡିପଦାବାସୀଙ୍କ ଭୋଟ ହାତେଇ ନେଇ ଏବେ ଛେଣ୍ଡିପଦାରେ ବ୍ୟାପକ କୋଇଲା ଖଣି ବିକ୍ରି କରି ଛେଣ୍ଡିପଦାକୁ ଶ୍ରୀହୀନ କରି ଦେଲେଣି। ଛେଣ୍ଡିପଦା କାହିଁକି ସାରା ଅନୁଗୋଳ ଜିଲ୍ଲା ପ୍ରଦୁଷିତ ହୋଇ ବିଭିନ୍ନ ରୋଗର ଶିକାର ହେଉଥିବା ଦେଖାଯାଉଛି। ଲୋକଙ୍କ ସରକାର ବୋଲାଉଥିବା ବିଜେପି ସରକାର ଲୋକମାନଙ୍କ ଜୀବନ ଜୀବିକା ସହ ଖେଳୁଛି ବୋଲି କହିଥିଲେ। ଅନ୍ୟତମ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ନଗେନ୍ଦ୍ର ପ୍ରଧାନ ରାଜ୍ୟର ସ୍ୱାର୍ଥକୁ ବଜାୟ ରଖିବା ପାଇଁ ଏ ସରକାର ନିଶ୍ଚିତ ପରିବର୍ତ୍ତନ ହେବା ଆବଶ୍ୟକ, ନଚେତ ଆଗାମୀ ଦିନରେ ଓଡ଼ିଶା ଶ୍ରୀହୀନ ହେବ, ଓ ଓଡ଼ିଶାର ଖଣି ଖାଦାନକୁ ଆଦାନୀ ଅମ୍ବାନୀ ଭଳି ବ୍ୟବସାୟୀ ଲୁଟି ନେବେ। ଓଡ଼ିଶା ଯେଉଁ ଦରିଦ୍ର ରହିଛି ଆହୁରି ଦରିଦ୍ର ହେବ ରାଜ୍ୟ ମରୁଭୂମିରେ ପରିଣତ ହେବ ବୋଲି ସନ୍ଦେହ କରିଥିଲେ। ଆଜିର ଏହି ସମାବେଶରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ଉପସଭାପତି ଦେବାଶିଷ ପଟ୍ଟନାୟକ, ରାଜଗାଙ୍ଗପୁର ବିଧାୟକ ଡ ରାଜନ ଏକ୍କା, ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଆଇଏନଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ବହୁମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୈଳ ଶ୍ରୀକ୍ଷେତ୍ରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ସମବେଶ ସ୍ଥଳୀ ବିଜୁ ମଇଦାନକୁ ଆସିଥିଲେ ଓ ତାପରେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଭକ୍ତି ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ସଭା ଆରମ୍ଭ କରାଯାଇଥିଲା।

ଉକ୍ତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ରୂପାଦୀପ୍ତା ମହାପାତ୍ର, ଅଭିଳାଷ ମାଣିଆ, ସତ୍ୟଜିତ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ପ୍ରକାଶ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ଅମ୍ବିକା ପ୍ରସାଦ ଭଞ୍ଜ, ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ବୌଦ୍ଧ ଜିଲ୍ଲା ସଭାପତି ଅବଦୁଲ କଲିମ ଖାନ, ସମ୍ବଲପୁର ଜିଲ୍ଲା ସଭାପତି ଅମିତ କୁମାର ଗୁରୁ, ଦେବଗଡ଼ ଜିଲ୍ଲା ସଭାପତି ସେମ ହେମ୍ବ୍ରମ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ଅଧ୍ୟକ୍ଷ ସରୋଜ ପ୍ରଧାନ, ପ୍ରଦେଶ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଅଧ୍ୟକ୍ଷା ଏଲ ମାଣିକପ୍ରଭା, ତପନ ପ୍ରଧାନ, ନୀଳକଣ୍ଠ ନାଏକ, ଟିକନ ବେହେରା, ଗୋବିନ୍ଦ ନାଏକ, ଉମେଶ ଚନ୍ଦ୍ର ସାହୁ, ଦାଶରଥି ସାହୁ, ଜିତେନ୍ଦ୍ର କୁମାର ସାହୁ, ସୁବ୍ରତ ଗଡ଼ନାୟକ, ସୁରେଶ ଚନ୍ଦ୍ର ବେହେରା, ନରୋତ୍ତମ ନାଏକ, ସୁଦୀପ ମିଶ୍ର, ଶ୍ରାବ୍ୟ ସ୍ମିତା ପଣ୍ଡା, ଶିଳ୍ପୀ ଶ୍ରୀ ହରିଚନ୍ଦନ, ଶାନ୍ତିଲତା ବେହେରା, ଅନୁଗୋଳ ଜିଲ୍ଲା ଆଇଏନଟିୟୁସି ସଭାପତି ଦିଗାମ୍ବର ଗଡନାୟକ, ଅନୁଗୋଳ ଜିଲ୍ଲା ମିଡ଼ିଆ ସେଲ୍ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, କଂଗ୍ରେସ ଉପସଭାପତି ନିରଞ୍ଜନ ଦାସ, ଚିତ୍ତରଞ୍ଜନ ନାଏକ, ବଳବୀର ସିଂ, ଅମୂଲ୍ୟ ବେହେରା, ତାଳଚେର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସ, ପାଲଲହଡ଼ା ପୂର୍ବତନ ବିଧାୟକ ପ୍ରାର୍ଥୀ ଫକିର ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର, ରାକେଶ ମିଶ୍ର, ବିନୋଦ ମାଝୀ, ରଶ୍ମିରଞ୍ଜନ ସାହୁ, ଅଜୟ କୁମାର ବେହେରା, ସୌମେନ୍ଦ୍ର ଦେହୁରୀ, ହେମନ୍ତ ମହାଳିକ, ଅରୁଣ ଦାସ, ଅବିନାଶ ଦଳବେହେରା, ଅରୁପ ସାମଲ, ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# ସୁସାହିତ୍ୟିକ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ସମ୍ମାନୀତ




କବିସୂର୍ଯ୍ୟନଗର,୨୭।୯ :(ମନ୍ଥନ) କବିସୂର୍ଯ୍ୟନଗର ସ୍ଥିତ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ତଥା ଶିକ୍ଷାବିତ୍, ସୁସାହିତ୍ୟିକ, କବି ଓ ସ୍ତମ୍ଭକାର ହେମନ୍ତ କୁମାର ଗନ୍ତାୟତଙ୍କୁ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ସହରର ସଂସ୍କୃତି ଭବନ ଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ପର୍ଯ୍ୟଟନ ଉନ୍ନୟନ ପରିଷଦର ମିଳିତ ସହଭାଗୀତାରେ ଆୟୋଜିତ ଓଡିଶା ଲୋକକଳା ସମାରୋହ ସାହିତ୍ୟର ମହାମେଳା ସାହିତ୍ୟାୟନ ଉତ୍ସବରେ ସାହିତ୍ୟାୟନ ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଗନ୍ତାୟତ 'ଓଡିଆ ସାହିତ୍ୟକୁ ଗଞ୍ଜାମର ଅବଦାନ' ଶୀର୍ଷକକୁ ନେଇ ଏକ କବିତା ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଶ୍ରୀଯୁକ୍ତ ଡ. ସଂଗ୍ରାମ କେଶରୀ ସାମନ୍ତରାୟ (ପ୍ରତିଷ୍ଠାତା ସମ୍ପାଦକ, କୈବଲ୍ୟ ସାହିତ୍ୟ ସଂସଦ), ଶ୍ରୀଯୁକ୍ତ ସୁଶାନ୍ତ ଦାଶ (ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ) ଡ.ଶ୍ୟାମା ପ୍ରସାଦ ମିଶ୍ର (ପ୍ରତିଷ୍ଠାତା ସମ୍ପାଦକ, ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ) ଡ.ସସ୍ମିତା ମିଶ୍ର, (ସୁଲେଖିକା ଓ ସାହିତ୍ୟିକା, ପୁରୀ) ଜାତୀୟ ପର୍ଯ୍ୟଟନ ସଭାପତି ଶ୍ରୀ ନାରାୟଣ ମହାକୁଡ଼ (ସମ୍ପାଦକ, ପର୍ଯ୍ୟଟନ ଭାରତ ତଥା ଜାତୀୟ ପର୍ଯ୍ୟଟନ ମହୋତ୍ସବ) ଉପସଭାପତି ଗୋକୁଳାନନ୍ଦ ତ୍ରିପାଠୀ (ବରିଷ୍ଠ କବି) ସହ ସମ୍ପାଦିକା ଶ୍ରୀମତୀ ଦୀପିକା ଦାଶ (ପର୍ଯ୍ୟଟନ ଭାରତ ଓ ସାହିତ୍ୟାୟନ ମାସିକ ପତ୍ରିକା) ପରିଚାଳନା ଯୁବ କବି ସୁନୀଲ କୁମାର ପ୍ରଧାନ କବିତା ଆସର ପରିଚାଳନା କରିଥିଲେ।ଏଥି ପୂର୍ବରୁ ଅଧ୍ୟାପକ ହେମନ୍ତ କୁମାରଙ୍କୁ ଦୈନିକ ଖବର କାଗଜ ଅପରାହ୍ନ ବାଲେଶ୍ୱର ଠାରେ ସୃଜନ ଶ୍ରୀସମ୍ମାନ, ପୁରୀ ଜିଲ୍ଲା ଦିବ୍ୟଦର୍ଶନ ସଂସ୍ଥାନ ଦ୍ୱାରା ଦିବ୍ୟ ଦର୍ଶନ ସମ୍ମାନ, ଗଞ୍ଜାମ କଳାପରିଷଦ ବ୍ରହ୍ମପୁର ଦ୍ୱାରା ସାରସ୍ୱତ ସମ୍ମାନ, ପୁରାତନ ନୈନିକ ଖବର କାଗଜ ନୈନିକଆଶା ପକ୍ଷରୁ ଜିଜ୍ଞାସାରେ ଶ୍ରୀଜଗନ୍ନାଥ ସମ୍ମାନ, ଉତ୍କଳୀୟ ଯୋଗ ବେଦାନ୍ତ ପରିଷଦ–ପୁରୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ-ଶ୍ରୀବିହାର ପୁରୀ, ଶର୍ମି କାବ୍ୟ ଲେଖା ସାହିତ୍ୟ ସଂସଦ ବିଶାଖା ପାଟଣା, ବୀଣାପାଣି ସାହିତ୍ୟ ସଂସଦ କେନ୍ଦୁଝର, ବାଣୀ ବିଥିକା ପରିବାର, ନୀଳାଚଳ ସାହିତ୍ୟ ସୃଜନୀ, ଆମ ଅଗଣାର ସଜ ଫୁଲ ପରିବାର, ଜୟ ଶ୍ରୀଜଗନ୍ନାଥ ପ୍ରଭୁ ପରିବାର, ସୁନାର ଗୌରାଙ୍ଗ ପରିବାର – କଟକ, ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର, ମେଘାସନୀ ସାହିତ୍ୟ ସଂସ୍କୃତି ପରିଷଦ – ମୟୂରଭଞ୍ଜ ଏବଂ ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇ ଆସିଛନ୍ତି।

# କ୍ରୀଡ଼ା ଓ ପର୍ଯ୍ୟଟନର ବାର୍ତ୍ତା ନେଇ ଯାଜପୁରରେ ପ୍ରୋମୋ ଦୌଡ଼ ଆୟୋଜିତ

ଯାଜପୁର,୨୭।୯ :(ମନ୍ଥନ) ପୁରୀ କୋଷ୍ଟାଲ୍ ମାରାଥନ୍–୨୦୨୬ ଅବସରରେ ତଥା ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଆଜି ଯାଜପୁରରେ ଜିଲ୍ଲାସ୍ତରୀୟ ପ୍ରୋମୋ ଦୌଡ଼ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି। କ୍ରୀଡ଼ା, ସୁସ୍ଥ ଜୀବନଶୈଳୀ ଏବଂ ଯାଜପୁରର ପର୍ଯ୍ୟଟନ ସମ୍ଭାବନାକୁ ପ୍ରୋତ୍ସାହନ ଦେବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସକାଳ ୭ଟା ୩୦ ମିନିଟ୍‌ରେ ଯାଜପୁର ଟାଉନ୍ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ମୁଖ୍ୟ ଅତିଥି ଭାବେ ଯାଜପୁରର ମାନ୍ୟବର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ପତାକା ଦେଖାଇ ଏହି ଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ମାରାଥନ୍ ଟି ମେଡିକାଲ୍ ଛକ ଓ ଗାନ୍ଧୀ ଛକ ଦେଇ ଯଯାତି କେଶରୀ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ପ୍ରବେଶ ଦ୍ୱାର, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁନର୍ବାର ଯାଜପୁର ଟାଉନ୍ ଇନ୍‌ଡୋର୍ ଷ୍ଟାଡିୟମ୍‌କୁ ଫେରି ମାରାଥନ୍ ଟି ସମାପ୍ତ ହୋଇଥିଲା। ଏହି ଅବସରରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ



ଯୁଧିଷ୍ଠିର ନାୟକଙ୍କ ସମେତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବବ୍ରତ ସାହୁ, ବିଭିନ୍ନ ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଯୁବବର୍ଗ ଓ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡ. ରବୀନ୍ଦ୍ର ନାରାୟଣ ବେହେରା ତାଙ୍କ ଅଭିଭାଷଣରେ ଯାଜପୁରର ପ୍ରାଚୀନ ଐତିହ୍ୟ, ପରମ୍ପରା ଓ ପର୍ଯ୍ୟଟନ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ରତ୍ନଗିରି, ଉଦୟଗିରି, ଲାଙ୍ଗୁଡ଼ି, ରାଧାନଗର, ମା' ବିରଜା କ୍ଷେତ୍ର ଓ ନାଭିଗୟା ଭଳି ଐତିହାସିକ ଓ ଧାର୍ମିକ ସ୍ଥଳୀ ସହିତ ଜିଲ୍ଲାରେ ବୌଦ୍ଧ ପର୍ଯ୍ୟଟନ ଓ ପ୍ରାକୃତିକ ପର୍ଯ୍ୟଟନର ବିପୁଳ ସମ୍ଭାବନା ରହିଥିବା ସେ କହିଥିଲେ। ଯାଜପୁରର ପର୍ଯ୍ୟଟନକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଯାଜପୁରର ପର୍ଯ୍ୟଟନ ବିକାଶରେ ଜଳପଥ, ରେଳପଥ ଓ ବିମାନ ଯୋଗାଯୋଗର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସାଂସଦ ଆଲୋକପାତ କରିଥିଲେ। ବିଶେଷକରି ଯାଜପୁରର ବୌଦ୍ଧ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଦେଶ-ବିଦେଶର ପର୍ଯ୍ୟଟକଙ୍କ ନିକଟରେ ପହଂଚାଇବା ସହ ଜିଲ୍ଲାର ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ନିଜ ଅଭିଭାଷଣରେ କହିଥିଲେ ଯେ, ଏଭଳି ପ୍ରୋମୋ ଦୌଡ଼ ଯୁବବର୍ଗଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଉତ୍ସାହ ବଢ଼ାଇବା ସହ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ। ଏହି ଅବସରରେ ପୂର୍ବରୁ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରୋମୋ ଦୌଡ଼ରେ ମହିଳା ବର୍ଗରେ ଶର୍ମିଷ୍ଠା ସାମଲ ପ୍ରଥମ, ଆକୃତି ନାୟକ ଦ୍ୱିତୀୟ, ତନୁଶ୍ରୀ ନାୟକ ତୃତୀୟ ଏବଂ ପୁରୁଷ ବର୍ଗରେ ବିବେକାନନ୍ଦ ବେହେରା ପ୍ରଥମ, ଜାମାଲ ଖାନ ଦ୍ୱିତୀୟ, ସ୍ୱରାଜ ଦାସ ତୃତୀୟ ହୋଇ କୃତିତ୍ୱ ଅର୍ଜନ କରିଥିଲେ।

# ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ, ପତ୍ନୀକୁ ହତ୍ୟା ଉଦ୍ୟମ

ବଲଙ୍ଗା,୨୭।୯ :(ମନ୍ଥନ)ବଲଙ୍ଗା ଥାନା ଅନ୍ତର୍ଗତ ଆଳିକିଆ ଗ୍ରାମରେ ମଦ୍ୟପ ସ୍ୱାମୀର ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଗ୍ରାମର ବିଭୂତି ଭୂଷଣ ନାୟକଙ୍କ ପତ୍ନୀ ମିନତୀ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବିଭୂତି ସବୁ ବେଳେ ମଦ୍ୟପାନ କରି ମିନତୀଙ୍କୁ ବିନା କାରଣରେ ଗାଳି ଗୁଲଜ ସହ ମାରପିଟ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ମିନତୀ ଘରେ ଥିଲା ବେଳେ ବିଭୂତି ନିଶାସକ୍ତ ଅବସ୍ଥାରେ ଘରକୁ ଆସି ମିନତୀଙ୍କ ଚରିତ୍ରକୁ ଆକ୍ଷେପ କରି ଗାଳି ଗୁଲଜ କରି ମାଡ ମାରିଥିଲେ । ଫଳରେ ମିନତୀ ପଡୋଶୀ ଘରକୁ ପଳାଇ ଯାଇ ଆଶ୍ରୟ ନେଇଥିଲେ। ରାତି ପ୍ରାୟ ୧୧ଟାରେ ବିଭୂତି ପଡୋଶୀ ଘରେ ପଶି ମିନତୀଙ୍କ ଚୁଟିକୁ ଧରି ଘୋଷାରି ଘୋଷାରି ଘରକୁ ଆଣି ପ୍ରବଳ ମାଡ ମାରିଥିଲେ । ଏପରିକି ବିଭୂତି ଏକ ଦାଆ ସାହାଯ୍ୟରେ ମିନତୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ମିନତୀଙ୍କ ଶରୀରରେ ଗୁରୁତର କ୍ଷତ ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ମିନତୀଙ୍କୁ ତଳେ ପକାଇ ଜୀବନରୁ ମାରିବାକୁ ଉଦ୍ୟମ କରିବାରେ ମିନତୀ ପାଟି କରିଥିଲେ। ପାଟି ଶୁଣି ସାହି ଲୋକେ ଆସି ମିନତୀଙ୍କୁ ଉଦ୍ଧାର କରିବା ପରେ ସେ ସାକ୍ଷୀଗୋପାଳ ମେଡ଼ିକାଲକୁ ଯାଇ ଚିକିତ୍ସା ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ବନ୍ୟାଞ୍ଚଳ ଗସ୍ତରେ ମନ୍ତ୍ରୀ ଓ ବିଧାୟକ

**ନବରଙ୍ଗପୁର,୨୭।୯ :(ମନ୍ଥନ)** ନବରଙ୍ଗପୁର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଜଟିଳ ହୋଇଛି। ଅନେକ ଗାଁ ପାଣି ଘେରରେ ଥିବା ବେଳେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ।ନବରଙ୍ଗପୁର ସଦର ଓ କୋଷାଗୁମୁଡା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳକୁ ବୋଟ୍ ଯୋଗେ ଯାଇ ମନ୍ତ୍ରୀ ଓ ବିଧାୟକ ସ୍ଥିତି ସମୀକ୍ଷା କରିଛନ୍ତି। ପାଣି ଘେରରେ ଥିବା ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ ସହ ସେମାନଙ୍କ ସମସ୍ୟା ଶୁଣିଛନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଆଶ୍ରୟସ୍ଥଳୀରେ ପହଞ୍ଚି ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।ପାଣି ଘେରରେ ଥିବା ଲୋକଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ମାନି ଆଶ୍ରୟସ୍ଥଳୀକୁ ଯିବାକୁ ମନ୍ତ୍ରୀ ଓ ବିଧାୟକ ଅନୁରୋଧ କରିଛନ୍ତି।

# ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି: ୨ଟି ବ୍ଲକର ୩୬ଟି ଗ୍ରାମ/ୱାର୍ଡ ପ୍ରଭାବିତ

ଯାଜପୁର,୨୭।୯ :(ମନ୍ଥନ) ଲଘୁଚାପ ଓ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୬ ସେପ୍ଟେମ୍ବର ୨୦୨୬ ପୂର୍ବାହ୍ନ ୧୧ଟା ସୁଦ୍ଧା ଜିଲ୍ଲାର ଦଶରଥପୁର ଓ ବିଞ୍ଝାରପୁର ବ୍ଲକର କେତେକ ଅଂଚଳ ପ୍ରଭାବିତ ହୋଇଛି। ମୋଟ ୨ଟି ବ୍ଲକ, ୧୨ଟି ଗ୍ରାମ ପଂଚାୟତ/ୟୁଏଲ୍‌ବି ଏବଂ ୩୬ଟି ଗ୍ରାମ/ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୬୭,୧୪୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଦଶରଥପୁର ବ୍ଲକ ଉପରେ ବିଶେଷ ନଜର ରଖାଯାଇଛି। ବନ୍ୟା ପ୍ରଭାବିତ ଅଂଚଳରେ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨ଟି ମେଡିକାଲ୍ ଆସିଷ୍ଟାନ୍ସ ଟିମ୍ ମୁତୟନ କରାଯାଇଥିବା ବେଳେ ୯ଟି ମେଡିକାଲ୍ କ୍ୟାମ୍ପ ଆୟୋଜିତ ହୋଇଛି। ଔଷଧ, ଆଂଟି-ସ୍ନେକ୍ ଭେନମ୍, ଓଆରଏସ୍ ଓ ଆଇଭି ଫ୍ଲୁଇଡ୍‌ର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରାଯାଇଛି। ବନ୍ୟାରେ ପଶୁସମ୍ପଦ ମଧ୍ୟ ପ୍ରଭାବିତ ହୋଇଛି। ରିପୋର୍ଟ ଅନୁଯାୟୀ, ୧୨,୭୫୪ଟି ପଶୁ ପ୍ରଭାବିତ ହୋଇଥିବା ବେଳେ ୧ଟି ପଶୁ ଚିକିତ୍ସା ଦଳ ମୁତୟନ ଏବଂ ୨ଟି ପଶୁ ଚିକିତ୍ସା ଶିବିର ଆୟୋଜିତ ହୋଇଛି। କାଣି ନଦୀର ଡାହାଣ ପାର୍ଶ୍ୱ ବନ୍ଧରେ ଡୋଭାବିଲପାଟଣା ଗ୍ରାମ ଏବଂ ତରାପଦା ଗ୍ରାମ ପଂଚାୟତ ନିକଟସ୍ଥ ଅସ୍ଥାୟୀ ପୁନରୁଦ୍ଧାର ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଏହି ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖାଯାଇଥିବା ସହ ଆବଶ୍ୟକ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା କୌଣସି ମାନବୀୟ ମୃତ୍ୟୁ ଘଟିନାହିଁ। ତେବେ ୧୯ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ଥିବା ରିପୋର୍ଟ ମିଳିଛି। ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍‌ର ୧ଟି ଟିମ୍ ମୁତୟନ କରାଯାଇଛି। ଆବଶ୍ୟକ ସମୟରେ ଅତିରିକ୍ତ ସମ୍ବଳ ମୁତୟନ ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। ଜିଲ୍ଲା ଓ ରାଜ୍ୟସ୍ତରୀୟ ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସହ ସମନ୍ୱୟ ରଖି ଉଦ୍ଧାର, ରିଲିଫ୍, ସୁରକ୍ଷିତ ପାନୀୟଜଳ ଯୋଗାଣ ଓ ଚିକିତ୍ସା ସେବା ଉପରେ ଗୁରୁତ୍ୱ ଦିଆଯାଇଛି। ବନ୍ୟା ପ୍ରଭାବିତ ଓ ଯୋଗାଯୋଗ ବିଚ୍ଛିନ୍ନ ଅଂଚଳରେ ପହଂଚିବା, ରନ୍ଧା ଖାଦ୍ୟ ଓ ସୁରକ୍ଷିତ ପାନୀୟଜଳ ଯୋଗାଣ, ଚିକିତ୍ସା ସହାୟତା ଏବଂ ବିଦ୍ୟୁତ୍ ଓ ସଡ଼କ ଯୋଗାଯୋଗର ପୁନଃସ୍ଥାପନକୁ ପ୍ରଶାସନ ପକ୍ଷରୁ ପ୍ରାଥମିକତା ଦିଆଯାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ଆବଶ୍ୟକତା ଅନୁଯାୟୀ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ବନ୍ୟା ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଯାଜପୁର ଜିଲ୍ଲାରେ ସମବାୟ ସମିତିର ସଦସ୍ୟତା ସମ୍ପ୍ରସାରଣ ପାଇଁ ମେଗା ମେମ୍ବରସିପ୍ ଡ୍ରାଇଭ ଅଭିଯାନର ଶୁଭାରମ୍ଭ

ଯାଜପୁର,୨୭।୯ :(ମନ୍ଥନ)ମାନ୍ୟବର ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ରାଜ୍ୟସ୍ତରରେ ମେଗା ମେମ୍ବରସିପ୍ ଡ୍ରାଇଭର ଶୁଭାରମ୍ଭ ଅବସରରେ ଯାଜପୁର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଯାଜପୁରସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସମବାୟର ବ୍ୟାପକ କାର୍ଯ୍ୟପରିସର ଉପରେ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମ ଅବସରରେ ଚଷାଖଣ୍ଡ, ମଙ୍ଗଳପୁର, ଅରେଇ, ମାର୍କଣ୍ଡପୁର, ପଣସା, ମକୁନ୍ଦପୁର, ବଗିରିଆ, ବରୁଣ୍ଡେଇ, ପହଙ୍ଗା ଓ ବରୁଣେଇ ଠାରେ ଥିବା ପ୍ୟାକ୍ସଗୁଡ଼ିକର ଧାନକ୍ରୟ କେନ୍ଦ୍ର ପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ସମବାୟ ସମିତି ସମୂହ ର ଉପନିବନ୍ଧକ ଅମୂଲ୍ୟ କୁମାର ସେଠୀ, ସହକାରୀ ନିବନ୍ଧକ ପ୍ରତୀକ୍ଷା ମହାପାତ୍ର ପ୍ରମୁଖଙ୍କ ସମେତ ଜିଲ୍ଲା ପ୍ରଶାସନର ପ୍ରତିନିଧି ମାନେ ଯୋଗଦେଇଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା

ଯାଜପୁର,୨୭।୯ :(ମନ୍ଥନ)ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଯାଜପୁରରେ ଇନ୍ଦିରା ଗାନ୍ଧୀ ହୋଟେଲ ମ୍ୟାନେଜମେଂଟ କଲେଜ୍ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୋଡିକୁଅ ସ୍ଥିତ କଲେଜ୍ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ଶାନ୍ତି ର ବାର୍ତ୍ତା ପ୍ରଚାର କରି ସହର ପରିକ୍ରମା କରିଥିଲା। କଲେଜ ର ଅଧକ୍ଷ୍ୟ ସୁର୍ଜ୍ୟକାନ୍ତ ସେଠୀ ଶୋଭାଯାତ୍ରା କୁ ପତାକା ହଲାଇ ଶୁଭାରମ୍ଭ କରିଥିଲ। ଶୋଭାଯାତ୍ରା ମା ବିରଜା ମନ୍ଦିର ନିକଟରେ ପହଁଚିବା ପରେ ପର୍ଯ୍ୟଟକ ମାନଙ୍କୁ ଅତିଥି ଭାବେ ସ୍ୱାଗତ କରିବାକୁ ବାର୍ତ୍ତା ଦିଆଯାଇଥିଲା ।

# ମଣ୍ଡଳ ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

କବିସୂର୍ଯ୍ୟନଗର,୨୭।୯ :(ମନ୍ଥନ)ସ୍ଥାନୀୟ ପି.ଏମ୍. ଶ୍ରୀ ଚନ୍ଦ୍ରଶେଖର ହାଇସ୍କୁଲ୍ ପରିସରରେ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଉତ୍ସାହ ଓ ଆନନ୍ଦର ସହିତ ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ ମଣ୍ଡଳ ଅଧୀନରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଭା ପ୍ରଦର୍ଶନ କରିଥିଲେ। ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତା ଓ କଳ୍ପନାଶକ୍ତିର ପରିଚୟ ଦେଇଥିବା ବେଳେ, ବକ୍ତୃତା ପ୍ରତିଯୋଗିତାରେ ନିଜର ଚିନ୍ତାଧାରାକୁ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ-ମିହିର କୁମାର ଶତପଥି ,ବି.ଇ.ଓ -ଅଭିମନ୍ୟୁ ସାହୁ,ଏବିଓ-ଜୟସେନ ସେଠି ,ପରିଚାଳକ-ମାମିନି ଆଚାର୍ଯ୍ୟ ବିଚାରକମଣ୍ଡଳୀ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହିତ ସେମାନଙ୍କ ମଧ୍ୟରେ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ।




# ମା ବିରଜା କ୍ଷେତ୍ର ନାଭିଗୟା ରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଆରମ୍ଭ

ଯାଜପୁର,୨୭।୯ :(ମନ୍ଥନ) ଯାଜପୁର ର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠରେ ଆଜି ଠାରୁ ଆରମ୍ଭ ହୋଇଛି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ। ପ୍ରତିପ୍ରଦ ଠାରୁ ମହାଳୟା ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି। ଏହି ପିତୃପକ୍ଷରେ ପିଣ୍ଡଦାନ କଲେ ପିତୃପୁରଷଙ୍କ ମୋକ୍ଷ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଯାଜପୁର ର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ପୀଠ ରେ ଥିବା ନାଭିଗୟାରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ମାନେ ଆସି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନାଭିଗୟାରେ ପିଣ୍ଡଦାନ କରୁଛନ୍ତି। ସେଥିପାଇଁ ନାଭିଗୟାରେ ପିଣ୍ଡଦାନ ପାଇଁ ଦୂରଦୂରାନ୍ତରୁ ଛୁଟିଆସନ୍ତି ଶ୍ରଦ୍ଧାଳୁ। ପିଣ୍ଡଦାନ ପରେ ମା ବିରଜାଙ୍କୁ ମୁଖ ଦର୍ଶନ କଲେ କୋଟି ଜନ୍ମର ପାପ କ୍ଷୟ ହେବାର ବିଶ୍ୱାସ ରହିଛି । ପିଣ୍ଡଦାନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗିର,୨୭।୯ :(ମନ୍ଥନ) ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ କମିଟିର ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସାଧାରଣ ସଂପାଦକ ମଧୁସୁଦନ ନାୟକ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ । ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭାପତି ଡ.ମିଶ୍ର ନାଗରିକ କମିଟିର ରିନୁ୍ୱାଲ କାର୍ଯ୍ୟ ସଂପର୍କରେ ଦର୍ଶାଇବା ସହିତ ଏହା ଶେଷ ପର୍ଯ୍ୟାୟରେ ପହଂଚିଥିବା ସୂଚନା ପ୍ରଦାନ କରିଥିଲେ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେ ଉତ୍ତମ ମାନର ଶିକ୍ଷାଦାନ, ସମସ୍ତ କର୍ମଚାରୀ ନିଯୁକ୍ତି ଓ ଜମି ରେକର୍ଡ ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରଫେସର ତରୁଣ କୁମାର ମିଶ୍ର ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ଭାଇସ ଚାନ୍ସେଲର ନିକଟକୁ ଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ନାଗରିକ କମିଟିର ଉପରେ ସରକାର ବଲାଙ୍ଗିର ସ୍ଥିତ ଆୟୁର୍ବେଦିକ ଫାର୍ମାସିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୬୦ଲକ୍ଷ ଟଙ୍କା ଦେଇଛନ୍ତି । ଏହାକୁ ଆବଶ୍ୟକୀୟ ଅନୁଦାନ ଓ କର୍ମଚାରୀ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରିବା ପାଇଁ ଆୟୁର୍ବେଦ ଫାର୍ମାସିକୁ ଯାଇ ପୁଣି ଥରେ ଆଲୋଚନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରତିନିଧି ମଣ୍ଡଳି ସହିତ ଏ କାର୍ଯ୍ୟ ସଂପାଦନ କରିବାକୁ ଡ. ପ୍ରମୋଦ ମିଶ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ଜିଲ୍ଲା ସଦର ମହକୁମା ହସ୍ପିଟାଲ ଓ ଭୀମଭୋଇ ମେଡିକାଲ କଲେଜ କୁ ସଂଯୋଗ କରି ଟାଉନ ବସ ପ୍ରଚଳନ କରିବା ପାଇଁ ଟ୍ରାନ୍ସପୋର୍ଟ ବିଭାଗ ସହିତ ଆଲୋଚନା କରି ନାଗରିକ କମିଟି ପତ୍ର ପ୍ରେରଣ କରିଛି । ଏହା ଉପରେ ଟ୍ରାନ୍ସପୋର୍ଟ ବିଭାଗ କୌଣସି ପଦକ୍ଷେପ ଅଦ୍ୟାବଧି ଗ୍ରହଣ କରିନାହିଁ । ପୁଣି ଥରେ ବିଭାଗ ସହିତ ଆଲୋଚନା କରି ଏବଂ କାର୍ଯ୍ୟ ନ ହେଲେ ପ୍ରତି ସପ୍ତାହରେ ଥରେ ଲେଖାଏଁ ରିମାଇଣ୍ଡର ଦେବାକୁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ସହରରେ ଡିଜେ ଜନିତ ଆତଙ୍କ ସୃଷ୍ଟି ହେଉଛି । ଡିଜେ ର ଉଚ୍ଚ ଶବ୍ଦ ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ ହେଉଥିବା ବେଳେ ଏହି ଶବ୍ଦ ମାଟିକୁ ଥରେଇ ଦେଉଥିବା କେତେକ ସଦସ୍ୟ ଅଭିଯୋଗ କରିଥିଲେ । ସୁତରାଂ ସାମାଜିକ ଉତ୍ସବ ଓ ଶୋଭାଯାତ୍ରା ମାନଙ୍କରେ ଡିଜେ ବନ୍ଦ କରିବା ପାଇଁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ସମସ୍ତ ଥାନାଧିକାରୀମାନଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଶେଷରେ ସଂପାଦକ ମଧୁସୁଦନ ନାୟକ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ସ୍ୱପ୍ନେଶ୍ୱର ସଙ୍ଗୀତ କଳା ପୀଠ ପକ୍ଷରୁ 'ଶିକ୍ଷା ନୀତି ରେ ସଂସ୍କୃତି ' ସମ୍ପର୍କିତ କର୍ମଶାଳା

ପିପିଲି,୨୭।୯ :(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ସିଉଳା କ୍ଲବ ସମ୍ମିଳନୀ କକ୍ଷରେ, ସପ୍ନେଶ୍ୱର ସଙ୍ଗୀତ କଳାପୀଠ ଗୁଡିଆପୋଖରୀ, ପକ୍ଷରୁ ଜାତୀୟ ଶିକ୍ଷା ନୀତି ଅନୁଯାଇ ଶିକ୍ଷା ଦାନ କ୍ଷେତ୍ରରେ କଳା ସଂସ୍କୃତିର ଆବଶ୍ୟକତା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି କର୍ମଶାଳା ରେ ସ୍ୱପ୍ନେଶ୍ୱର ସଙ୍ଗୀତ କଳା ପୀଠ ର ନିର୍ଦ୍ଦେଶକ ରାମଚନ୍ଦ୍ର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ଶିକ୍ଷାବିତ ଚରଣ ନାୟକ, ଅବସରପ୍ରାପ୍ତ ଅଧକ୍ଷ ଶିବପ୍ରସାଦ ରାଉତ , ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର କୁମାର ତ୍ରିପାଠୀ ଏବଂ ଦେବାଶିଷ ରଥ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବିଦ୍ୟାଳୟ ହେଉ କିମ୍ବା ମହାବିଦ୍ୟାଳୟ ହେଉ ସବୁଠାରେ ବିଭିନ୍ନ ଶିକ୍ଷା ସହିତ ସଂସ୍କୃତି ଏବଂ କଳା ଶିକ୍ଷାର ଆବଶ୍ୟକତା ଏବଂ ଏ ସମ୍ପର୍କରେ ଜାତୀୟ ଶିକ୍ଷା ନୀତିରେ ସଂସ୍କୃତି କୁ ସଂଯୋଗ ର ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି କର୍ମଶାଳାରେ ଏକ ସହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ ।ସହ ନିର୍ଦ୍ଦେଶକ ଲିଜା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସିଉଳା କ୍ଲବ ର ମୁଖ୍ୟ ପର୍ଶୁରାମ ପ୍ରଧାନ ( ଟିକିନା ) ଙ୍କ ସମେତ କ୍ଲବ ର ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ରାଜ୍ୟସ୍ତରୀୟ ସ୍କୁଲ ଗେମ୍ ଟାଏକୋଣ୍ଡୋ ରେ ବଲାଙ୍ଗିର କୁ ୪ ପଦକ

**ବଲାଙ୍ଗୀର,୨୭।୯ :(ମନ୍ଥନ)**ଗତ ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ସ୍ଥିତ ଡିଡି ସ୍ୱ ?ର୍ଟସ ଗ୍ରାଉଣ୍ଡ ରେ ଏସଜିଏଫଆଇ ରାଜ୍ୟ ସ୍ତରୀୟ ସ୍କୁଲ ଗେମ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୪୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ଉଭୟ ଅଣ୍ଡର-୧୪ ଏବଂ ଅଣ୍ଡର-୧୭ ବାଳକ ଓ ବାଳିକା କିରୋଗୀ ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ଟାଏକୋଣ୍ଡୋ ପ୍ରଶିକ୍ଷକ ତଥା ବଲାଙ୍ଗୀର ଜିଲ୍ଲା କରାଟେ ସଂଘର ସାଧାରଣ ସମ୍ପାଦକଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବଲାଙ୍ଗୀର ଟିମ୍ ଅଂଶଗ୍ରହଣ କରିଥିଲା ।ଏହି ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲା ମୋଟ ୪ଟି ପଦକ ହାସଲ କରିଛି । ବାଳିକା ବିଭାଗରେ ବାଳିକା ବିଭାଗରେ ଲିଜା ମାହାର ଅଣ୍ଡର-୧୭ (୩୫ ରୁ ୩୮ କେଜି) କ୍ୟୁରଗୀ ବିଭାଗରେ ରୌପ୍ୟ ପଦକ,ସ୍ନେହା ସାହୁ ଅଣ୍ଡର-୧୭ (୪୨ ରୁ ୪୪ କେଜି) କାଂସ୍ୟ ପଦକ, ଆଦ୍ୟାଶା ତୃପ୍ତି ସବର ଅଣ୍ଡର-୧୭ (୫୫ ରୁ ୫୯ କେଜି) କାଂସ୍ୟ ପଦକ ପାଇଥିବା ବେଳେ ବାଳକ ବିଭାଗରେ କୃମିତ୍ ସାହୁ (୩୫ ରୁ ୩୮ କେଜି) କ୍ୟୁରଗୀ ବିଭାଗରେ – କାଂସ୍ୟ ପଦକ ହାସଲ କରିଛନ୍ତି ।



# ଯୋଗାଣ ସହାୟକଙ୍କ ଦାବି ପୂରଣ କରନ୍ତୁ ସରକାର - ନରସିଂହ



ବଲାଙ୍ଗିର,୨୭।୯ :(ମନ୍ଥନ)ସାରା ରାଜ୍ୟର ଯୋଗାଣ ସହାୟକମାନେ ଭୁବନେଶ୍ୱର ରେ ଆନ୍ଦୋଳନ ପାରିଶ୍ରମିକ ବୃଦ୍ଧି ସହ ଅନ୍ୟାନ୍ୟ ଅସୁବିଧା ର ସମାଧାନ ପାଇଁ ଆନ୍ଦୋଳନ କରୁଛନ୍ତି । ବଲାଙ୍ଗିର ଜିଲ୍ଲାରେ ମଧ୍ୟ ପଂଚାୟତମାନଙ୍କରେ କାମ କରୁଥିବା ପାଖାପାଖି ୨୩୦ ଜଣ ଯୋଗାଣ ସହାୟକ ଆନ୍ଦୋଳନ ରେ ଯୋଗ ଦେଇ ତାଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ନେଇ ସରକାରଙ୍କ ସମ୍ମୁଖରେ ରଖିଛନ୍ତି । ତାଙ୍କର ମୁଖ୍ୟ ଦାବି ମାସିକ ପାରିଶ୍ରମିକ ରାଶି ବୃଦ୍ଧି କରାଯାଉ । ବର୍ତ୍ତମାନ ସେମାନେ ପାଉଥିବା ୮ହଜାର ଟଙ୍କା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି ରୁ ମଧ ବହୁତ କମ୍ । ସରକାର ଚାକିରି ପ୍ରଦାନ କ୍ଷେତ୍ରରେ ଜନମଙ୍ଗଳକାରୀ ପଦକ୍ଷେପ ନେବା ପରିବର୍ତ୍ତ ? ବିଭିନ୍ନ ଯୋଜନା ମାଧ୍ୟମରେ ମଣିଷର ନୈନ୍ଦିନ ଗୁଜୁରାଣ ମେଣ୍ଟି ନ ପାରିବା ଭଳିଆ ପାରିଶ୍ରମିକ ନ ଦେଇ ଲୋକଙ୍କର ଜିବନ ଜିଇଁବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ମାତ୍ର ୮ ହଜାର ଟଙ୍କାରେ ଜଣେ ଯୋଗାଣ ସହାୟକ ତାର ପରିବାର ଚଳିବେ କିପରି । ତେଣୁ ସରକାର ଯେତେ ଶିଘ୍ର ହେବ ଆନ୍ଦୋଳନରତ ଯୋଗାଣ ସହାୟକ ପାଖକୁ ଯାଇ ଆଲୋଚନା ମାଧ୍ୟମରେ ତାଙ୍କର ଦାବି ଗୁଡିକୁ ତୁରନ୍ତ ପୁରଣ କରନ୍ତୁ ବୋଲି ଆଜି ନିଜ ଆବାସିକ କାର୍ଯ୍ୟାଳୟରେ ବଲାଙ୍ଗିର ଜିଲ୍ଲାର ଆନ୍ଦୋଳନରତ ଯୋଗାଣ ସହାୟକମାନଙ୍କର ଦାବି ଓ ଅନୁରୋଧ ଶୁଣିଲା ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଯୋଗାଣ ସହାୟକଙ୍କ ଜିଲ୍ଲା ସଭାପତି ଅମୁଲ୍ୟ ବାରିକ ଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ଙ୍କ ଆଲୋଚନା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ବଲାଙ୍ଗିର ଜିଲ୍ଲାପାଳଙ୍କ ସହ ଫୋନ ମାଧ୍ୟମରେ ଆଲୋଚନା କରିଥିଲେ । ଯେହେତୁ ଏହି ସମସ୍ୟାରେ ସାରା ରାଜ୍ୟରେ ଦେଖା ଦେଇଛି ତେଣୁ ଯୋଗାଣ ସହାୟକଙ୍କ ଦାବିକୁ ନେଇ ଶ୍ରୀ ମିଶ୍ର ଫୋନ ମାଧ୍ୟମରେ ଫୋନ ମାଧ୍ୟମରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ଆଲୋଚନା କରିଥିଲେ । ଆଲୋଚନା ସକରାତ୍ମକ ଥିବା ବେଳେ ମୁଖ୍ୟ ଶାସନ ସଚିବ ଏହାକୁ ନେଇ କଣ ପଦକ୍ଷେପ ନିଆଯାଇ ପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି ଶ୍ରୀ ମିଶ୍ରଙ୍କୁ କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଯୋଗାଣ ସହାୟକମାନଙ୍କୁ ଜିଲ୍ଲା ର ଉପ ଯୋଗାଣ ଅଧିକାରୀ କାର୍ଯ୍ୟରୁ ବାହାର କରିଦେବା ଭଳିଆ ଧମକ ଦେଉଥିବା ସହ ତାଙ୍କ ସ୍ଥାନରେ ଅଲଗା ଲୋକଙ୍କୁ ନିୟୋଜିତ କରାଯିବ ବୋଲି କହୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ । ଦରକାର ପଡିଲେ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସମ୍ମୁଖରେ ଜିଲ୍ଲାର ସମସ୍ତ ଯୋଗାଣ ସହାୟକ ଏହି ଧମକ ବିରୁଦ୍ଧରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଆନ୍ଦୋଳନକାରୀମାନେ ଶ୍ରୀ ମିଶ୍ରଙ୍କ ଆଗରେ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଶ୍ରୀ ମିଶ୍ରଙ୍କ ଆଲୋଚନା କରିଥିବା ଯୋଗାଣ ସହାୟକ ଙ୍କ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଂପାଦକ ତପସ୍ୱିନୀ ପ୍ରଧାନ, ପିତାମ୍ବର ନାଏକ, ରାଜ କୁମାର ପୋଡ, ସରଜୁ ପ୍ରଧାନୀ, ଅଭିଳାଶ ସାହୁ, ଯୁଶୋଶ୍ୱରୀ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଭୋଇ, ବ୍ରଜ ମହାନନ୍ଦ, ଶୁଶାନ୍ତ ଦାଶ, ବନମାଳି ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷା ବିଭାଗ ତରଫରୁ ବିଦ୍ୟୁତ୍ ବିଲ୍ ପୈଠ ହୋଇଥିଲେ ସୁଦ୍ଧା ବିଦ୍ୟାଳୟଗୁଡିକୁ ଦିଆ ଯାଉନି ବିଦ୍ୟୁତ୍ ସଂଯୋଗ

ଡେଲାଙ୍ଗ,୨୭।୯ :(ମନ୍ଥନ) ବିଦ୍ୟୁତ କଟିଥିବା ବିଦ୍ୟାଳୟଗୁଡିକୁ ତୁରନ୍ତ ଲାଇନ୍ ସଂଯୋଗ କରିବା ପାଇଁ ଡେଲାଙ୍ଗ ବ୍ଲକ୍ ଶିକ୍ଷାବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ବିଲ୍ ଅର୍ଥ ପୈଠ କରିଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗର ମନ ମୁଖି କାର୍ଯ୍ୟ ଯୋଗୁ ଶନିବାର ସୁଦ୍ଧା ପ୍ରାୟ ୨୪ଟି ବିଦ୍ୟାଳୟ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଖବର ହସ୍ତଗତ ହୋଇଛି ।ବିଦ୍ୟୁତ ବିଭାଗ କୋମଳମତି ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଖେଳ ଖେଳାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।ପ୍ରକାଶ ଥାଉ କି ଗତ ୧୮ ତାରିଖରୁ ଅଧାବଧି ପ୍ରାୟ ୯ ଦିନ ହେଲା କେତେକ ବିଦ୍ୟାଳୟ ଗୁଡ଼ିକରୁ ବିଦ୍ୟୁତ୍ ବିଛିନ୍ନ ହେବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠ ପଢ଼ା, ମଧ୍ୟାହ୍ନ ଭୋଜନ ଓ ପରିମଳ ସମ୍ପର୍କୀତ ବହୁବିଧ ଅସୁବିଧାରେ ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରିଥିଲେ। ବିଦ୍ୟାଳୟ ରେ ବିଦ୍ୟୁତ ବିଛିନ ନେଇ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଘୋର ପ୍ରଭାବ ପକାଇଛି ।ଏ ନେଇ ସ୍ଥାନୀୟ ଡ଼େଲାଙ୍ଗ ବିଦ୍ୟୁତ୍ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ କୋ?ଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ । ସ୍ମାର୍ଟ୍ ମିଟର ବସିଛି,ବକୟା ଅର୍ଥ ରହି ଅଛି କହି ଆସୁଥିବା ବିଦ୍ୟୁତ୍ ବିଭାଗକୁ ଗତ ୨୪ ତାରିଖରେ ଡ଼େଲାଙ୍ଗ ବ୍ଲକ୍ ର ପ୍ରାୟ ୮୪ଟି ବିଦ୍ୟାଳୟ ପାଇଁ ଡେଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଟ୍ରେଜେରୀରେ ପ୍ରାୟ ଏକ ଲକ୍ଷ ଏକୋଇଶି ହଜାର ଟଙ୍କା ପୈଠ କରାଯାଇଥିଲେ ମଧ ଶନିବାର ୨୬ ତାରିଖରେ ବିଦ୍ୟାଳୟରେ ଲାଇନ୍ ନ ଜଳିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ତେବେ ପୁରୀ ନିର୍ବାହୀଯନ୍ତ୍ରୀ ସହ ଯୋଗାଯୋଗ କରିବାରେ ବିଲ୍ ଦେଖିବାପରେ ସୋମବାର ସୁଦ୍ଧା ବିଦ୍ୟାଳୟଗୁଡିକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଛନ୍ତି । ଡେଲାଙ୍ଗ ବ୍ଲକ୍ ରେ ସୋମବାର ଦିନ ପୁରୀ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ରହିଥିବାରୁ ବିଦ୍ୟାଳୟ ଗୁଡିକର ବିଦ୍ୟୁତ୍ ସମସ୍ୟା ନେଇ ବିଭିନ୍ନ ସଙ୍ଗଠନ ଅଭିଯୋଗ ଆଣିବେ ବୋଲି ସୂଚନା ମିଳିଛି ।

# ହଜରତ ଅକ୍କିଲ ସାହା ପୀରବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ମହା ଆଡମ୍ବରରେ ପାଳିତ

ଧାମନଗର,୨୭।୯ :(ମନ୍ଥନ)ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୬ନମ୍ବର ୱାର୍ଡ ଅଧିନ ମୁନସିପାଟଣା ନାଜରସାହ ଗ୍ରାମରେ ପୀରବାବା ହଜରତ ମହମ୍ମଦ ଅକ୍କିଲ ସାହା ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ବର୍ଷା ସତ୍ତ୍ୱେ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଗୁରୁବାର ସକାଳ ୬ଟା ସମୟରେ ପୀର ବାବାଙ୍କ ଆସ୍ଥାନକୁ ଚନ୍ଦନ ଓ ଗୋଲାପ ଜଳରେ (ସ୍ନାନ) ଗାଧୋଇବା ପରେ ୭ଟାରେ କୋରାନ ଖାନି ଓ (ଫାତେହା) କାର୍ଯ୍ୟକ୍ରମ ସରିଥିବା ପରେ ଭୋଗ ବଣ୍ଟନ କରାଯାଇଥିଲା । ଭକ୍ତ ଓ ଶ୍ରଦ୍ଧାଳୁ ୭ଟା ୩୦ମିନିଟଠାରୁ ପୀରବାବାଙ୍କୁ ଚାଦର ଚଢାଇବା ହୋଇଥିବା ବେଳେ ସର୍ବ ସାଧାରଣରେ ବାବାଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ଧାମନଗର ଓ ଏହାର ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ରାତି ୮ଟାରେ ଜଲସା ଓ ଧର୍ମିକଚର୍ଚ୍ଚା କାର୍ଯ୍ୟକ୍ରମରେ ସାଏରେ,ମୋଲବି ଓ ମୌଲାନା ମାନେ ଯୋଗଦେଇ ପୀରବାବାଙ୍କ ଆଦର୍ଶ ଓ ଜିବନୀ ଉପରେ ଲୋକମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ଉର୍ସ କମିଟିର ସଭାପତି,ସମ୍ପାଦକ ଓ କର୍ମିକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଉକ୍ତ ୱାର୍ଡ କାଉନସିଲର ତଥା ଏନ ଏ ସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା ।

# ବିଜେଡି ଦଳର ଜିଲ୍ଲା ସ୍ତରୀୟ ସାଙ୍ଗଠାନିକ କର୍ମକର୍ତ୍ତାରେ କାଶୀନାଥ ନାୟକ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ

ଗୋପ,୨୭।୯ :(ମନ୍ଥନ)ତୃଣ ମୂଳ ମୂଳ ସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ଦଳର ସୁପ୍ରିମ ନବୀନ ପଟ୍ଟନାୟକ ଜିଲ୍ଲା ସ୍ତରୀୟ କମିଟି ଗଠନ କରିଛନ୍ତି । ପୁରୀ ଜିଲ୍ଲାରେ କାର୍ଯ୍ୟ କାରୀ ସଭାପତି ଭାବେ ସ୍ୱାଧୀନ କୁମାର ନାୟକ ୧୩ ଜଣ ଉପ ସଭାପତି ୩ ଜଣ ସାଧାରଣ ସମ୍ପାଦକ ଭାବେ ଅବସ୍ଥାପିତ କରାଯାଇଛି ।ସେଥି ମଧ୍ୟରୁ କାଶୀନାଥ ନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ଶଙ୍ଖ ଭବନରୁ ଚିଠ ମାଧ୍ୟମରେ ଜଣାଇ ଦିଆଯାଇଛି ।କାଶୀନାଥ ହେଉଛନ୍ତି ବର୍ତ୍ତମାନ ସୁତନ୍ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଅଛନ୍ତିସେ ମଧ ତରୋକର ଗ୍ରାମ ପଞ୍ଚାୟତର ବିଗତ ନିର୍ବାଚନରେ ସମିତି ସଭ୍ୟ ଥିଲେ ।ସର୍ବାଧିକ ଭୋଟରେ ଦୁଇ ପଞ୍ଚାୟତ ନିର୍ବାଚିତ ହୋଇଥିଲେ ।ଜଣେ ସରଳ, ମେଳାପି, ଆମାୟିକ, ଭଦ୍ର ବ୍ୟକ୍ତି ।ଆଖ ପାଖ ଅଂଚଳରେ ବେଶ ଜଣା ଶୁଣା ପଦପଦବୀରେ ଥାଆନ୍ତୁ କିମ୍ବା ନଥାନ୍ତୁ ଦଳ ଗତ ନିର୍ବିଶେଷରେ ସମସ୍ତଙ୍କ ସୁଖ ଦୁଃଖରେ ଠିଆ ହୁଅନ୍ତି ।ସେଥିପାଇଁ ତାଙ୍କ ଲୋକପ୍ରୀୟତା ଆକାଶ ଛୁଆଁ ।ସେ ସାଧାରଣ ସମ୍ପାଦକ ହେବା ପରଠୁ ନେତା ,ଜନନେତା ସାଧାରଣ ଲୋକଙ୍କ ଶୁଭେଚ୍ଛା ସୁଅ ଛୁଟିଛି ।ବି,ଜେ,ଡି,ତାଙ୍କୁ ଦାୟିତ୍ୱ ଦେଇ ଏ ଅଞ୍ଚଳ ପାଇଁ ମାଷ୍ଟର ଷ୍ଟ୍ରୋକ ମାରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଉତ୍ତରା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ବହୁ ଗ୍ରାମ ତିନିଦିନ ହେଲା ଅନ୍ଧାରରେ, ଦୁର୍ଦ୍ଦସାରେ ଗ୍ରାମବାସୀ

ପିପିଲି,୨୭।୯ :(ମନ୍ଥନ)ଲଘୁଚାପ ଜନିତ ଲଗାଣ ବର୍ଷା ଦୀର୍ଘ ପାଞ୍ଚ ଦିନ ହେଲାଣି ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବାବେଳେ, ଉତ୍ତରା ସେକ୍ସନ ଅନ୍ତର୍ଗତ ଗ୍ରାମ ଗୁଡିକୁ ବିଦ୍ୟୁତ ଯୋଗାଣ ବ୍ୟାପକ ବାଧାପ୍ରାପ୍ତ ହେତୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଉତ୍ତରାରୁ ଯାଇଥିବା ଧଉଳି ଫିଡ଼ର ଲାଇନ ଉପରେ ଐତିହାସିକ ତଥା ପର୍ଯ୍ୟଟନ କ୍ଷେତ୍ର ଧଉଳି ଅଞ୍ଚଳ ସମେତ ପୁରା ପମସରା, ପୋପୋରଙ୍ଗା ପଞ୍ଚାୟତ ଏବଂ ଓରକାଲ ପଞ୍ଚାୟତ ର କେତକ ଗ୍ରାମ ନିର୍ଭରଶୀଳ ମାତ୍ର ତିନିଦିନ ହେଲାଣି ଉକ୍ତ ଲାଇନ ଟି ଅଚଳ ହୋଇ ପଡିବାରୁ ଉକ୍ତ ପଞ୍ଚାୟତ ର ଅଧିବାସୀ ମାନେ ଅନ୍ଧାରରେ ରହି ନାହିଁ ନଥିବା ଦୁଃଖ ଦୁର୍ଦ୍ଦଶା କାଳାତିପାତ କରି ଛନ୍ତି । ସେହିପରି ଅନ୍ୟ ଏକ ଫିଡ଼ର ଲାଇନ ଗୁଡିଆପୋଖରୀ, ଲକ୍ଷ୍ମୀନାରାୟଣପୁର, ଗୋବିନ୍ଦପୁର, ଶୈପାଟଣା କୁ ଯାଇଥିବା ବେଳେ ଏହା ଉପରେ ନିର୍ଭର ଶିଳ ତିରିଶ ରୁ ଉର୍ଦ୍ଧ ଗ୍ରାମର ଅଧିବାସୀ ଦେଢଦିନ ଲାଇନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଲାଇନ ଉପରେ ଆଲୋକ, ପାନୀୟ ଜଳ ଯୋଗାଣ ଆଦି ନିର୍ଭର କରୁଥିବାରୁ ଲୋକଙ୍କ ପାଇଁ ବିଦ୍ୟୁତ କାଟ ଯନ୍ତ୍ରଣା ଦାୟକ ହୋଇଛି । ଅଂଚଳର ଲୋକଙ୍କ ଠାରୁ ଜଣାଯାଏ ଲାଇନ ପାଇବା ପାଇଁ ସେକ୍ସନ କାର୍ଯ୍ୟାଳୟକୁ ଫୋନ୍ କଲେ ଉତ୍ତର ମିଳୁନି ଦେଖା କରିବାକୁ ଗଲେ କୌଣସି ଅଧିକାରୀଙ୍କୁ ଦେଖିବାକୁ ମିଳୁନି, ସୀମିତ କର୍ମଚାରି ଧରାଛୁଆଁ ଦେଉନାହାନ୍ତି । ଏଠାକାର କନିଷ୍ଠ ଯନ୍ତ୍ରୀ ବଦଳି ହୋଇଯାଇଥିବାରୁ କାର୍ଯ୍ୟାଳୟ ଏକ ପ୍ରକାର ମୁରବି ଶୂନ୍ୟ ହୋଇଯାଇଛି । ଯଦି ତୁରନ୍ତ ଲୋକଙ୍କ ସମସ୍ୟାର ସମାଧାନ ନହୁଏ ଜନ ଆକ୍ରସ ଆନ୍ଦୋଳନ ର ରୂପ ନେବାର ସମ୍ଭାବନା ଦେଖାଦେଇଛି ।

# ଭାଗବତ ଟୁଙ୍ଗୀରେ ଭାଗବତ ଜନ୍ମ ମହୋତ୍ସବ

ଗଞ୍ଜାମ,୨୭।୯ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଂଚାୟତ ର ଖଟୁଆ କୁଦା ଗ୍ରାମରେ ଭାଗବତ ଟୁଙ୍ଗୀ ରେ ଭାଗବତ ଜନ୍ମ ଉତ୍ସବ ମହାଶମରାହ ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେସାତ ଦିନ ଧରି ଭାଗବତ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ଦିନ ଚାରି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ



ନାମ ସମାପନ, ପରାୟଣ ଶେଷ ଏବଂ ହୋମ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ପରାୟଣ କାର୍ଯ୍ୟକ୍ରମ କୁ ଅନାମ ରେଡି, ମିଟୁ ପ୍ରଧାନ, ସତ୍ୟ ଛଟେଇ, ଅଭିମନ୍ୟୁ ରେଡି, ପ୍ରମୁଖ ପଠନ କରିଥିଲେ । ସହଯୋଗ କରିଥିଲେ ଯୋଗେନ୍ଦ୍ର ତରାଇ, କବି ସାହୁ, ଭାସ୍କର ସାହୁ, ଅଭିରାମ ସାହୁ, ସମେତ ଅନ୍ୟମାନେ କ୍ଷଶେଷରେ ପ୍ରସାଦ ସେବନ ବ୍ୟବସ୍ଥା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରାମର ଯୁବ ସ୍ୱେଚ୍ଛସେବୀ ମାନେ ପରିଚାଳନା କରିଥିଲେ । ସେହିପରି ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ରହିଥିବା ଭାଗବତ ଟୁଙ୍ଗୀରେ ଭାଗବତ ଜନ୍ମ ମହୋତ୍ସବ ପାଳିତ ହୋଇଛି ।

# ଶତାୟୁ ପୁରୁଷ ପିତାମ୍ବର ଦାସଙ୍କୁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଜଳେଶ୍ୱର,୨୬।୯ :(ମନ୍ଥନ)ଜଳେଶ୍ୱର ସହରର ଶାନ୍ତିଆ ଗ୍ରାମର ଶତାୟୁ ପୁରୁଷ ପିତାମ୍ବର ଦାସ (୧୦୦) ଗତ କାଲି ରାତି ୨ଟା ୩୦ମିନିଟ ସମୟରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ଶଯ୍ୟା ପାଖରେ ତାଙ୍କର ସହଧର୍ମିଣୀ ବାସନ୍ତୀ ଦାସ, ଜ୍ୟେଷ୍ଠ ପୁତ୍ର ଭାସ୍କର ଦାସ,କନିଷ୍ଠ ପୁତ୍ର ଭାଗବତ ଦାସ , ଦୁଇ ପୁତ୍ର ବଧୁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଦସ୍ୟ ସ୍ୱର୍ଗତ ଦାସଙ୍କର ମୃତ୍ୟୁର ଖବର ପାଇ ମଞ୍ଚର କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି,ସହ ସମ୍ପାଦକ ଇଂ ଶ୍ରୀମନ୍ତ କୁମାର ଘୋଷ ,କୋଷାଧ୍ୟକ୍ଷ ସିଦ୍ଧ ?ଶ୍ୱର ପାଣିଗ୍ରାହୀ,ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ଗ୍ରାମ୍ୟ କମିଟିର ସଭାପତି ସିତାଂଶୁ ରଞ୍ଜନ ସେନାପତି,ଅନନ୍ତ କୁମାର ଦତ୍ତ, ପୁରେନ୍ଦ୍ର ସେନାପତି,ନିତ୍ୟାନନ୍ଦ ଜେନା ପ୍ରମୁଖ ସ୍ୱର୍ଗତ ଦାସଙ୍କର ବାସଭବନରେ ଉପସ୍ଥିତ ହୋଇ ତାଙ୍କର ଶେଷ ଦର୍ଶନ କରିବା ସହ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୁର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ କଲେଜ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

୨୭।୯ :(ମନ୍ଥନ)ମୟୂରଭ ଜିଲ୍ଲା ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ଶିକ୍ଷକ ସଂଘ ଆନୁକୂଲ୍ୟରେ କୁଜିଡିହିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ସରକାରୀ ଉଚ୍ଚ ବିଦ୍ୟାଳୟ ସୁରକ୍ଷିତ ପରିସରରେ ବିଭିନ୍ନ ପ୍ରକାର ଉପାଦେୟ ବୃକ୍ଷର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରୁଦ୍ରାକ୍ଷ, ନାଗେଶ୍ୱର ଚମ୍ପା, କମଳା, ଲେମ୍ବୁ, ଅଁଳା, ଡାଳିମ୍ବ, ପପେୟା, ଜାମୁ, ଅଶୋକ, ମେହୋଗାନି ଆଦି ବିଭିନ୍ନ ଗଛ ଚାରା ରୋପଣ କରାଯାଇଥିଲା । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ଶ୍ରୀ ତପନ କୁମାର ପତିଙ୍କ ସଭାପତିତ୍ୱରେ ପ୍ରେରଣା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ଯତ୍ରୀନ୍ଦ୍ର ନାଥ ବସା, ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ଭୋଇ, ସଭ୍ୟ ରବିନାରାୟଣ ଚାଉପଟ୍ଟନାୟକ, ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ ଅଳକା ମରୀ ଭୂୟାଁ, ରାମେଶ୍ୱର ସାହୁ, ସୀତାକାଂ ବେହେରା ସ୍ୱବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ, କୁଜିଡିହିର ପ୍ରଧାନ ଶିକ୍ଷକ ଶ୍ରୀ ଦୀପକ କୁମାର ବେହେରା ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚାରା ରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ଉତ୍ସାହିତ କରିଥିଲେ ।

# ଭଦ୍ରେଶ୍ୱର ପଂଚାୟତ୍‌ରେ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା ,୨୭।୯ :(ମନ୍ଥନ)ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତର ପିଏମ୍‌ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେବା ସଂକଳ୍ପ ଅଭିଯାନ ୨୦୨୬ ଅନୁକୂଲ୍ୟରେ ଗତ ୨୫ତାରିଖ ଦିନଏକ୍ ପେଡ୍ ମା କେ ନାମ୍‌ରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଭଦ୍ରେଶ୍ୱର ପଂଚାୟତର ସରପଂଚ କମଳାକାନ୍ତ ରାଉତ, ସମିତି ସଭ୍ୟ ଲଳିତ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସ ସମ୍ମାନୀତ ଅତିଥି ଭାବେ ସ୍ତମ୍ଭକାର ବିବେକାନନ୍ଦ ଦାସ, ପୂର୍ବତନ ସିଆର୍‌ସିସି ତଥା ଶିକ୍ଷକ ରମାକାନ୍ତ ଦାସ, ଏଡିଓ ଅନନ୍ତ କୁମାର ସ୍ୱାଇଁ , ଚିତ୍ତରଂଜନ ନାୟକ, ସନ୍ତୋଷ କୁମାର ସୁତାର ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ବୃକ୍ଷ ରୋପଣ କରିଥିଲେ । ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ସଫଳତା କରିବା ପାଇଁ ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ମହିଳା ଓ ବୟସ ବ୍ୟକ୍ତିମାନେ ଅଂଶଗ୍ରହଣ କରି ବୃକ୍ଷରୋପଣ କରିଥିଲେ ।

# ଲଘୁଚାପ ବର୍ଷାଯୋଗୁ ମାହାଙ୍ଗା ଅଂଚଳରେ ଶହ ଶହ ଏକର ଧାନଫସଲ ଜଳମଗ୍ନ

ମାହାଙ୍ଗା,୨୭।୯ :(ମନ୍ଥନ)ମାହାଙ୍ଗା ବ୍ଲକରେ ଗତ କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଭିନ୍ନ ପାଟ ଜମିରେ ଧାନଫସଲ ପାଣିଯୋଗୁ ନଷ୍ଟ ହେବାକୁ ବସିଲାଣି । ନାହାଙ୍ଗ ପାଟରେ ଶହ ଶହ ଏକର ଜମି ଜଳମଗ୍ନ ହୋଇ ରହିଥିବା ଦେଖିବାକୁ ମିଳିଛି । ଫଳରେ ନାହାଙ୍ଗ,ଉମର,ପନ୍ଦରବାଟିଆ, ଉଉଁରିଆ, ବଡଗୋଠ,ତୁଳସୀପୁର,ବଇଁଚୁଆ ଅଂଚଳର ବହୁଚାଷୀ ଚିନ୍ତା ପ୍ରକଟ କରିଛନ୍ତି । ସେହିପରି ମାହାଙ୍ଗା ବ୍ଲକର ବିଭିନ୍ନ ଖାଲୁଆ ଅଂଚଳରେ ପାଣି ଜମିରହୁଥିବାରୁ ଧାନଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏଣୁ ପ୍ରଶାସନ ତୁରନ୍ତ ଚାଷୀମାନଙ୍କର ସମସ୍ୟାକୁ ଦୂରକରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହୋଇଛି ।

# ପୁରୀ ଜିଲ୍ଲା ବିଜେଡିର ସାଙ୍ଗଠନିକ କମିଟିରେ ପିପିଲି ଡେଲାଙ୍ଗ ରୁ ୮ ଜଣ ସ୍ଥାନ ପାଇଲେ

ପିପିଲି,୨୭।୯ :(ମନ୍ଥନ)ବିଜୁ ଜନତା ଦଳ ପକ୍ଷରୁ ପୁରୀଜିଲ୍ଲା ସଂଗଠନ କୁ ଅଧିକ କ୍ରିୟାଶୀଳ ଓ ସୁଦୃଢ କରିବା ଉଦେଶ୍ୟରେ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇଛି । ଦଳୀୟ ସୂଚନା ଅନୁସାରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଅନୁମୋଦନ କ୍ରମେ ଏହି କମିଟି ଗଠନ କରାଯାଇଛି ଛ ଏହି ଜିଲ୍ଲା କମିଟି ରେ ପିପିଲି ନିର୍ବାଚନ ମଣ୍ଡଳୀ ରୁ ୮ଜଣଙ୍କୁ ସ୍ଥାନ ମିଳିଛି ।ପିପିଲି ନିର୍ବାଚନ ମଣ୍ଡଳୀର ୨୪ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ଆର୍ତବନ୍ଧୁ ସାମନ୍ତରାୟ, ସତ୍ୟଜିତ ରାୟଚୌଧୁରୀଙ୍କୁ ସାଧାରଣ ସମ୍ପାଦକ, ବିଜୟ ରାଉତରାୟ, ପ୍ରଭାସ ଚନ୍ଦ୍ର ପରିଡା ଓ କାଶୀନାଥ ସାହୁ ସମ୍ପାଦକ,୧୬ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ ଓ ପୂର୍ବତନ ଜିଲ୍ଲା ପରିଷଦ ଦେବାଶିଷ ନନ୍ଦ ଦଳର ଉପ ସଭାପତି ଦାୟିତ୍ୱ ମିଳିଛି । ନୂତନ ଭାବେ ଦାୟିତ୍ୱ ପାଇବାପରେ ସମସ୍ତ କର୍ମ କର୍ତ୍ତା ଦଳର ତୃଣମୂଳ ସଂଗଠନକୁ ଆହୁରି ସୁଦୃଢ କରିବା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ପ୍ରତେକ୍ୟ ପଞ୍ଚାୟତ , ୱାର୍ଡ , ଏବଂ ପିପିଲି ଏନଏସି ସ୍ତରରେ କର୍ମୀ ଓ କାଯ୍ୟକର୍ତ୍ତାଙ୍କୁ ଅଧିକ ସକ୍ରିୟ କରି ସଂଗଠନକୁ ମଜବୁତ କରାଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।ଏଥିସହ ବର୍ତ୍ତମାନ ର ସରକାର ଙ୍କର ବିଭିନ୍ନ ନିତୀ ଓ କାଯ୍ୟକଳାପକୁ ନେଇ ଦଳ ପକ୍ଷରୁ ଜନସାଧାରଣ ଙ୍କ ନିକଟରେ ପ୍ରସଙ୍ଗ ଉଠାଯିବା ସହ ଆଗାମୀ ଦିନରେ ବିଭିନ୍ନ ରାଜନୈତିକ ଆନ୍ଦଳନକୁ ତୃଣମୂଳ ସ୍ତରରୁ ନେବାପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଆଗାମୀ ପଞ୍ଚାୟତ ଏବଂ ଏନଏସି ନିର୍ବାଚନକୁ ଦୃଷ୍ଟିରେ ରଖି ଡେଲାଙ୍ଗ -ପିପିଲି ଅଞ୍ଚଳରେ ଦଳୀୟ ସଂଗଠନ କୁ ମଝବୁତ କରିବା ପାଇଁ ଦୃଢ଼ତା ପ୍ରକାଶ କରିଛନ୍ତି । ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଦଳର ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ରୁଦ୍ର ପ୍ରତାପ ମହାରଥୀ ଙ୍କୁ ଧନ୍ୟବାଦ ଦେଇଛନ୍ତି ।

# କୁସୁମୀ ବନ୍ୟାରେ ହନ୍ତସନ୍ତ ଅଞ୍ଚଳବାସିନ୍ଦା

ଖଣ୍ଡପଡା,୨୭।୯ :(ମନ୍ଥନ)ବନ୍ୟା ଯୋଗୁଁ ଖଣ୍ଡପଡା ବ୍ଲକର ଏକାଧିକ ପଞ୍ଚାୟତ ବାହ୍ୟ ଜଗତରୁ ବିଛିନ୍ନ ସହ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ନେଇ ଦେଖିବାକୁ ମିଳିଛି । କୁସୁମୀ ନଦୀରେ ବନ୍ୟା ପ୍ରଭାବରେ ଶାଳଝରିଆ ପଞ୍ଚାୟତ ଠାରୁ କୁଞ୍ଜବିହାରୀପୁର ଠାରୁ ଇଟାମାଟି ରାସ୍ତାରେ୪ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଯାତାୟତ ଠପ ହୋଇପଡିଛି । ସେହିପରି ବିରିଡିହି ଠାରୁ ଅଁଳାମଡା ରାସ୍ତା ଉପରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁଁ ୨ ଦିନ ହେବ ଯାତାୟତ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି । କୁସୁମୀରେ ବନ୍ୟା ଯୋଗୁଁ ଗୁଣ୍ଡୁଣି, ଜଗନ୍ନାଥପ୍ରସାଦ, ରାଣୀପଡା, ଶାଳଝରିଆ ଭଳି ପଞ୍ଚାୟତରେ ସ୍ଥିତି ସଙ୍ଗିନ ହୋଇଛି । ରାସ୍ତାରେ ପ୍ରବଳ ବନ୍ୟା ପାଣି ଚାଲୁଥିବାରୁ କୁଞ୍ଜବିହାରୀପୁର ଓ ଶାଳଝରିଆ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଲୋକମାନେ ବାହ୍ୟ



ଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଛନ୍ତି । ଅନ୍ୟପକ୍ଷରେ ଉକ୍ତ ୫ ପଞ୍ଚାୟତର ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଥିବା ବେଳେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଥିବା ସୂଚନା ମିଳିଛି । ସେହିପରି ବନମାଳିପୁର ରୁ ସହରାଞ୍ଚଳ ସଂଯୋଗ ରାସ୍ତାରେ ୫ ଫୁଟ ପାଣି ଚାଲିଥିବା ଯୋଗୁଁ ଏହା ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଛିନ୍ନ ହୋଇପଡିଛି । କୁସୁମୀ ନଦୀ ବନ୍ୟା ପ୍ରଭାବରେ ତଳମୁଣ୍ଡରେ ଥିବା ଖଣ୍ଡପଡା ସହରାଞ୍ଚଳ ସମେତ ବନମାଳିପୁର, ଖଳିସାହି, ବୋଦାସା, ରାଣୀଛେଲି, ବେଣାଗାଡିଆ, କଣ୍ଟିଲୋ ଓ ଭାପୁର ବ୍ଲକର ଧାନଚେଙ୍ଗଡା ଆଦି ପଞ୍ଚାୟତର ଶହ ଶହ ଏକର ଚାଷୀ ଜମି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି ।

# କେନ୍ଦ୍ରାପଡାରେ ଅଧିବକ୍ତା ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ପାଳିତ




କେନ୍ଦ୍ରାପଡା,୨୭।୯ :(ମନ୍ଥନ)ଓଡ଼ିଶା ଅଧିବକ୍ତା ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ତିନିମୁହାଣିସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି । ଏହି ସମାରୋହରେ ସମ୍ପାଦକ ସମର କେଶରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର.ଏସ.ଏସ.)ର ଓଡ଼ିଶା ପୂର୍ବ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ଯୋଗଦେଇ ଉପସ୍ଥିତ ଅଧିବକ୍ତାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ପୂଜ୍ୟ ଦତ୍ତୋପନ୍ତ ଠେଙ୍ଗଡ଼ୀଜୀଙ୍କ ମାର୍ଗଦର୍ଶନ ତଥା ଜଷ୍ଟିସ୍ ଏମ୍. ରାମା ଜୋଇସ୍ ଏବଂ ଜଷ୍ଟିସ୍ ଏଚ୍. ଆର୍ଉ ଖାନ୍ନାଙ୍କ ଭଳି ବିଶିଷ୍ଟ ନ୍ୟାୟବିଦ୍‌ମାନଙ୍କ ପ୍ରେରଣାରେ ୧୯୯୨ ମସିହାରେ ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ପ୍ରତିଷ୍ଠା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଆବଶ୍ୟକତା ଭାବେ ହୋଇଥିଲା ।' ଜିଲ୍ଲା ସଭାପତି ବିଭୂତି ଭୂଷଣ କର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ 'ଓକିଲାତି କେବଳ ଅର୍ଥ ଉପାର୍ଜନର ବୃତ୍ତି ନୁହେଁ, ବରଂ ଏହା ଏକ ପବିତ୍ର ସମାଜସେବା । ଭାରତୀୟ ନ୍ୟାୟଦର୍ଶନର ପୁନରୁ□ାନ କରିବା ସହ ସମାଜର ଧାଡ଼ିର ଶେଷ ଭାଗରେ ଥିବା ବ୍ୟକ୍ତି ପାଖରେ ସୁଲଭ ଓ ତ୍ୱରିତ ନ୍ୟାୟ ପହଞ୍ଚାଇବା ଆମ ସମସ୍ତଙ୍କର ମୂଳ ସଂକଳ୍ପ ହେବା ଉଚିତ । ଏହି ଅବସରରେ (ଜି.ପି.) ତଥା ପରିଷଦର ପୂର୍ବତନ ସଭାପତି ବୈଦ୍ୟନାଥ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ନିଜର ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଜିଲ୍ଲାର ବରିଷ୍ଠ ସରକାରୀ ଓକିଲଙ୍କ ସମେତ ୯୫ରୁ ଉର୍ଦ୍ଧ୍ୱ ଆଇନଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ । ଶେଷରେ ବିରଞ୍ଚି ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ସୋମବାର ୨୮ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର

Monday September 28 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବର୍ଷା ବିପତ୍ତି

ଓଡ଼ିଶା ପୁଣି ଥରେ ପ୍ରକୃତିର ଏକ କଠିନ ପରୀକ୍ଷାର ସମ୍ମୁଖୀନ। ଆକାଶ ଘନ ହେଉଛି, ବର୍ଷାର ପରିମାଣ ବଢ଼ୁଛି, ନଦୀନାଳରେ ଜଳସ୍ତର ଉପରକୁ ଉଠିବାର ଆଶଙ୍କା ଦେଖାଦେଉଛି ଏବଂ ନିମ୍ନାଞ୍ଚଳରେ ଜଳବନ୍ଦୀର ଭୟ ଘନୀଭୂତ ହେଉଛି। ଏହି ସମୟରେ ବନ୍ୟାକୁ କେବଳ ପାଣି ଆସିବାର ଘଟଣା ଭାବେ ଦେଖିଲେ ଚାଲିବ ନାହିଁ; ଏହା ଜୀବନ, ଜୀବିକା, ଯାତାୟାତ, କୃଷି, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ଏବଂ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଜୀବନକୁ ପ୍ରଭାବିତ କରିପାରେ। ୨୫ ସେପ୍ଟେମ୍ବରର ସରକାରୀ ପାଣିପାଗ ସତର୍କତା ଅନୁଯାୟୀ ଓଡ଼ିଶାରେ ଆଜି ଅତିପ୍ରବଳ ବର୍ଷା ସହ ବଜ୍ରପାତ ଆଦିର ସମ୍ଭାବନା ଏବଂ ୨୬ ସେପ୍ଟେମ୍ବରରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଏହି ମୁହୂର୍ତ୍ତରେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଭୟ ନୁହେଁ, ସଚେତନତା; ଆତଙ୍କ ନୁହେଁ, ପ୍ରସ୍ତୁତି। ବର୍ଷା ଆସିବାକୁ ଅପେକ୍ଷା କରି ବିପଦ ବଢ଼ିଯିବା ପରେ ପଦକ୍ଷେପ ନେବା ଠାରୁ ବିପଦ ପୂର୍ବରୁ ପରିବାର, ଗ୍ରାମ ଏବଂ ପ୍ରଶାସନ ସଜାଗ ହେବା ହିଁ ବୁଦ୍ଧିମାନ ପଦକ୍ଷେପ। ଗଭୀର ଅବପାତର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ଉତ୍ତର ଓଡ଼ିଶା ଉପକୂଳରେ ମଧ୍ୟ ଭାରୀରୁ ଅତିଭାରୀ ବର୍ଷାର ସମ୍ଭାବନା ସମ୍ପର୍କରେ ପାଣିପାଗ ବିଭାଗ ସତର୍କ କରିଛି। ଏହି ପରିସ୍ଥିତିରେ ନଦୀକୂଳ, ନାଳକୂଳ, ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳ, ତଳିଆ ଜମି, ଦୁର୍ବଳ ଘର ଏବଂ ଜଳବନ୍ଦୀପ୍ରବଣ ସହରାଞ୍ଚଳରେ ଥିବା ଲୋକଙ୍କୁ ବିଶେଷ ସତର୍କ ରହିବାକୁ ହେବ। ବନ୍ୟାର ପ୍ରଥମ ଶିକ୍ଷା ହେଉଛି—ପାଣିର ଗଭୀରତା ଚକ୍ଷୁରେ ଦେଖି ଅନୁମାନ କରାଯାଇପାରେ ନାହିଁ। ରାସ୍ତା ଉପରେ ଅଳ୍ପ ପାଣି ଦେଖାଗଲେ ମଧ୍ୟ ତାହାର ତଳେ ଗର୍ତ୍ତ, ଭଙ୍ଗା ରାସ୍ତା, ଖୋଲା ନାଳ କିମ୍ବା ତୀବ୍ର ସ୍ରୋତ ଥାଇପାରେ। ତେଣୁ ପାଣି ଭରା ରାସ୍ତାରେ ଅନାବଶ୍ୟକ ଭାବେ ଚାଲିବା, ଦୁଇଚକିଆ କିମ୍ବା ଚାରିଚକିଆ ଯାନ ନେଇ ପ୍ରବେଶ କରିବା ଜୀବନ ପାଇଁ ବିପଦଜନକ। ବନ୍ୟାପାଣିରେ ଶିଶୁମାନଙ୍କୁ ଖେଳିବାକୁ ଦେବା ମଧ୍ୟ ଘୋର ଅବହେଳା। ବିଦ୍ୟୁତ ତାର, ଖୁଣ୍ଟି, ଟ୍ରାନ୍ସଫର୍ମର କିମ୍ବା ଜଳମଗ୍ନ ବିଦ୍ୟୁତ ଉପକରଣ ଠାରୁ ଦୂରେ ରହିବା ଆବଶ୍ୟକ। ପାଣି ଘର ଭିତରକୁ ପଶିଲେ ବିଦ୍ୟୁତ ସଂଯୋଗ ବନ୍ଦ କରିବା ପାଇଁ ନିରାପଦ ଉପାୟରେ ପଦକ୍ଷେପ ନିଆଯିବା ଉଚିତ, କିନ୍ତୁ ପାଣି ଭିତରେ ଠିଆ ହୋଇ ବିଦ୍ୟୁତ ଯନ୍ତ୍ର ଛୁଇଁବା ଅତ୍ୟନ୍ତ ବିପଦଜନକ। ଘରେ ଶୁଖିଲା ଖାଦ୍ୟ, ପିଇବା ପାଣି, ଆବଶ୍ୟକ ଔଷଧ, ଶିଶୁ ଖାଦ୍ୟ, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି, ଆବଶ୍ୟକ କାଗଜପତ୍ର ଏବଂ ମୋବାଇଲ ଯୋଗାଯୋଗର ବିକଳ୍ପ ବ୍ୟବସ୍ଥା ରଖିବା ଉଚିତ। ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରଥମେ ନିରାପଦ ସ୍ଥାନକୁ ନେବା ଦରକାର। ଗ୍ରାମାଞ୍ଚଳରେ ଗୋରୁଗାଈ ଓ ଅନ୍ୟ ପଶୁମାନଙ୍କୁ ମଧ୍ୟ ଉଚ୍ଚ ଓ ନିରାପଦ ସ୍ଥାନକୁ ନେବା ପାଇଁ ପୂର୍ବପ୍ରସ୍ତୁତି ଦରକାର। କୃଷକଙ୍କ ପାଇଁ ଏହି ସମୟ ଅଧିକ ସମ୍ବେଦନଶୀଳ। ଅତିରିକ୍ତ ବର୍ଷାରେ ଧାନ, ପନିପରିବା, ମକା ଓ ଫଳଚାଷ ଜମିରେ ପାଣି ଜମି ରହିଲେ ଫସଲ କ୍ଷତି ହୋଇପାରେ। ତେଣୁ ଯେଉଁଠାରେ ସୁରକ୍ଷିତ ଭାବେ ସମ୍ଭବ, ଜମିର ଅତିରିକ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ। ପାଣି ବଢ଼ିଲେ ଜବରଦସ୍ତି ଘର, ଗୋଶାଳା କିମ୍ବା ଜମିରେ ରହିବା ଠାରୁ ପ୍ରଶାସନର ନିର୍ଦ୍ଦେଶ ମାନି ଆଶ୍ରୟସ୍ଥଳକୁ ଯିବା ହିଁ ସୁରକ୍ଷିତ। ଓଡ଼ିଶାର ଦୁର୍ଯ ?ଗ ପରିଚାଳନାର ଅଭିଜ୍ଞତା ଦେଶରେ ଏକ ପରିଚିତ ଉଦାହରଣ ହୋଇଥିଲେ ମଧ୍ୟ ପ୍ରକୃତିର ପରିବର୍ତ୍ତନଶୀଳ ଚରିତ୍ର ସବୁବେଳେ ନୂଆ ଚ୍ୟାଲେଞ୍ଜ ଆଣୁଛି। ଏହି ପରିସ୍ଥିତିରେ ସରକାରଙ୍କ ସତର୍କତା ସହ ଜନସାଧାରଣଙ୍କ ଦାୟିତ୍ୱବୋଧ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ସେପ୍ଟେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ଭାରୀ ବର୍ଷାର ସମ୍ଭାବନା ନେଇ ଉଚ୍ଚସ୍ତରୀୟ ବୈଠକ କରି ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ହୋଇପାରୁଥିବା ଜିଲ୍ଲାଗୁଡ଼ିକରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ, ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟବାହିନୀକୁ ପ୍ରସ୍ତୁତ ରଖାଯାଇଥିବା, ନିୟନ୍ତ୍ରଣ କକ୍ଷଗୁଡ଼ିକୁ ଚବିଶ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇଥିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ଔଷଧ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇଥିବା ସରକାରୀ ସୂଚନାରେ କୁହାଯାଇଛି। ଏହା ସତ୍ତ୍ୱେ ଏକ ସତର୍କ ସମାଜ ହିଁ ଏକ ସୁରକ୍ଷିତ ସମାଜ ଗଢ଼ିପାରେ। ପ୍ରଶାସନର ସତର୍କବାଣୀକୁ ଅବହେଳା କରି ନଦୀ, ନାଳ କିମ୍ବା ଜଳାଶୟ ନିକଟକୁ ଯିବା, ବନ୍ୟାପାଣିରେ ଭିଡିଓ କରିବା, ସାମାଜିକ ମାଧ୍ୟମରେ ଅପ୍ରମାଣିତ ଖବର ପ୍ରଚାର କରିବା ଏବଂ ଅଫବାହକୁ ସତ୍ୟ ଭାବିବା ଠାରୁ ସମସ୍ତଙ୍କୁ ଦୂରେ ରହିବାକୁ ହେବ। ବିଶେଷକରି ବନ୍ଧ ଭାଙ୍ଗିଗଲା, ନଦୀ ଉପରେ ବିପଦ ଆସିଲା, ହଜାର ଲୋକ ଅଟକିଗଲେ ଭଳି ଅପ୍ରମାଣିତ ସନ୍ଦେଶ ଲୋକଙ୍କ ମଧ୍ୟରେ ଭୟ ବଢ଼ାଇପାରେ। କୌଣସି ସୂଚନାକୁ ପ୍ରସାର କରିବା ପୂର୍ବରୁ ତାହା ପ୍ରଶାସନ, ପାଣିପାଗ ବିଭାଗ କିମ୍ବା ଅଧିକୃତ ମାଧ୍ୟମରୁ ଆସିଛି କି ନାହିଁ ଯାଞ୍ଚ କରିବା ଆଜିର ନାଗରିକ ଦାୟିତ୍ୱ। ସହରରେ ମଧ୍ୟ ବନ୍ୟାର ଅର୍ଥ କେବଳ ନଦୀର ପାଣି ନୁହେଁ। ଅତ୍ୟଧିକ ବର୍ଷାରେ ନାଳ ଅବରୋଧ, ଅପର୍ଯ୍ୟାପ୍ତ ଜଳନିଷ୍କାସନ, ଅବୈଧ ଭାବେ ଜଳପଥ ଅବରୋଧ ଏବଂ ଅପରିକଳ୍ପିତ ନିର୍ମାଣ ଯୋଗୁଁ ଅଳ୍ପ ସମୟରେ ମଧ୍ୟ ରାସ୍ତା ଓ ବସତି ଜଳମଗ୍ନ ହୋଇପାରେ। ତେଣୁ ବର୍ଷା ଥାମିଗଲା ବୋଲି ବିପଦ ଶେଷ ହୋଇଗଲା ଭାବିବା ମଧ୍ୟ ଭୁଲ। ନଦୀର ଉପରମୁଣ୍ଡରେ ହୋଇଥିବା ବର୍ଷାର ପ୍ରଭାବ ତଳମୁଣ୍ଡରେ ପରେ ଦେଖାଯାଇପାରେ। ଏହି କାରଣରୁ ନଦୀକୂଳବର୍ତ୍ତୀ ଲୋକମାନେ ଜଳସ୍ତର ସମ୍ପର୍କିତ ଅଧିକୃତ ସୂଚନା ଉପରେ ନଜର ରଖିବା ଆବଶ୍ୟକ। ଆଉ ଏକ ବଡ଼ ବିପଦ ହେଉଛି ବନ୍ୟା ପରବର୍ତ୍ତୀ ରୋଗ। ଦୂଷିତ ପାଣି ଦ୍ୱାରା ଝାଡ଼ା, ବାନ୍ତି, ଜ୍ୱର ଓ ଅନ୍ୟାନ୍ୟ ଜଳବାହିତ ରୋଗ ବଢ଼ିପାରେ। ତେଣୁ ଉବା କିମ୍ବା ସୁରକ୍ଷିତ ପାଣି ପିଇବା, ଖାଦ୍ୟ ଢାଙ୍କି ରଖିବା, ହାତ ସଫା ରଖିବା ଏବଂ ଅସୁସ୍ଥତା ଦେଖାଦେଲେ ଶୀଘ୍ର ଚିକିତ୍ସା ନେବା ଆବଶ୍ୟକ। ବନ୍ୟା କେବଳ ପ୍ରଶାସନର ପରୀକ୍ଷା ନୁହେଁ; ଏହା ସମାଜର ମାନବିକତାର ମଧ୍ୟ ପରୀକ୍ଷା। ନିଜ ଘର ସୁରକ୍ଷିତ ରଖିବା ସହ ପଡ଼ ?ଶୀଙ୍କ ଅବସ୍ଥା ଜାଣିବା, ଏକାକୀ ବୃଦ୍ଧଙ୍କୁ ସାହାଯ୍ୟ କରିବା, ଶିଶୁ ଓ ଦୁର୍ବଳ ପରିବାରକୁ ନିରାପଦ ସ୍ଥାନକୁ ପହଞ୍ଚାଇବା ଏବଂ ଉଦ୍ଧାରକାରୀ ଦଳଙ୍କୁ ସହଯୋଗ କରିବା ଆମ ସାମାଜିକ କର୍ତ୍ତବ୍ୟ। ଓଡ଼ିଶା ଅନେକ ବିପର୍ଯ୍ୟୟ ଦେଖିଛି, ଅନେକ ଥର ଉଠିଛି ଏବଂ ପୁଣି ଗଢ଼ିଛି। ଆଜି ମଧ୍ୟ ଆମକୁ ସେହି ସାହସ ସହ ସତର୍କତାକୁ ଯୋଡ଼ିବାକୁ ହେବ। ପ୍ରକୃତିକୁ ରୋକିବା ମଣିଷର ହାତରେ ନାହିଁ, କିନ୍ତୁ ପ୍ରକୃତିଜନିତ ବିପଦରେ ଜୀବନହାନି କମାଇବା ନିଶ୍ଚିତ ଭାବେ ଆମ ହାତରେ। ଏହି ମୁହୂର୍ତ୍ତର ମନ୍ତ୍ର ଗୋଟିଏ—ସତର୍କ ରୁହନ୍ତୁ, ଅଧିକୃତ ସୂଚନା ଶୁଣନ୍ତୁ, ବନ୍ୟାପାଣିରୁ ଦୂରେ ରୁହନ୍ତୁ, ଆବଶ୍ୟକ ହେଲେ ଶୀଘ୍ର ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ ଏବଂ ପଡ଼ ?ଶୀଙ୍କ ହାତ ଧରନ୍ତୁ। ଆଜି ଗୋଟିଏ ସାବଧାନତା ଆସନ୍ତାକାଲି ଗୋଟିଏ ଜୀବନ ବଞ୍ଚାଇପାରେ। ଓଡ଼ିଶାର ଆକାଶରେ ଯେତେ ଘନ ମେଘ ଥାଉ, ଆମ ସଚେତନତାର ଆଲୋକ ତାହାଠାରୁ ଅଧିକ ଉଜ୍ଜ୍ୱଳ ହେଉ—ଏହା ହିଁ ଏହି ସମୟର ସବୁଠାରୁ ବଡ଼ ଆହ୍ୱାନ।

# ନିର୍ବାଚନ କମିଶନ ଓ ରାଜନୈତିକ ଦଳର ବିଭାଜନ

**ଗୋପାଳ ମହାପାତ୍ର**

ଭାରତର ସାମ୍ବିଧାନିକ ପ୍ରଶାସନିକ ବ୍ୟବସ୍ଥା ରାଜନୈତିକ ଦଳମାନଙ୍କ ସଂରଚନାତ୍ମକ ଢା□ା ଉପରେ ହିଁ ଠିଆ ହୋଇଛି। ଏହି କାରଣରୁ ବିଭିନ୍ନ ରାଜନୈତିକ ଦଳ ପ୍ରତି ୫ ବର୍ଷରେ ହେଉଥିବା ନିର୍ବାଚନରେ ଭାଗ ନେଇଥାନ୍ତି ଓ ସଂଖ୍ୟାଗରିଷ୍ଠ ଦଳ ସରକାର ଗଠନ କରି ସମ୍ବିଧାନ ଅନୁସାରେ ଶାସନ ବ୍ୟବସ୍ଥା ଚଳାଇଥାନ୍ତି।

ରାଜନୈତିକ ଦଳମାନେ ନିଜ ନିଜର ନିର୍ବାଚନୀ ଘୋଷଣାପତ୍ର ଆଧାରରେ ଜିତିଥାନ୍ତି। କିନ୍ତୁ ଘୋଷଣାପତ୍ର ସମ୍ବିଧାନ ଅନୁରୁପ ହେବା ଆବଶ୍ୟକ ରାଜନୈତିକ ଦଳ ମାନଙ୍କୁ ସମ୍ବିଧାନର ସର୍ତ୍ତ ଅନୁସାରେ ନିଜର ସଂରଚନା କରିବାକୁ ପଡିଥାଏ। ଏପରିକି ଗଣତନ୍ତ୍ର ପ୍ରତି ସମର୍ପିତ ହେବାକୁ ପଡିଥାଏ। ରାଜନୈତିକ ଦଳ ମାନଙ୍କ ଏଭଳି ବ୍ୟବସ୍ଥା ବାବଦରେ ଦେଖିବା ତର୍ଜମା କରିବାର ଅଧିକାର ସମ୍ବିଧାନ ନିର୍ବାଚନ କମିଶନଙ୍କୁ ଦେଇଛି। ନିର୍ବାଚନ କମିଶନ ନିରପେକ୍ଷ ରହିବା ସହ ଦଳଙ୍କୁ ସମାନ ବ୍ୟବହାର ଓ ନ୍ୟାୟ ପ୍ରଦାନ କରିବେ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ଏଥିପାଇଁ ସମ୍ବିଧାନ ନିର୍ବାଚନ କମିଶନଙ୍କୁ ନ୍ୟାୟିକ ଅଧିକାର ମଧ୍ୟ ଦେଇଛି, ଫଳରେ ରାଜନୈତିକ ଦଳ ମାନଙ୍କର ଆଭ୍ୟନ୍ତରୀଣ ବିବାଦ ବା ଅନ୍ୟ ବିବାଦ ସମୟରେ ନିର୍ବାଚନ କମିଶନ ସମ୍ବିଧାନ ବ୍ୟବସ୍ଥା ଅନୁରୁପ ପଦକ୍ଷେପ ନେଇପାରିବେ।

ଦେଶ ସ୍ୱାଧିନ ହେବା ପରଠାରୁ ରାଜନୈତିକ ଦଳ ଗୁଡିକର ଯେ ଆଭ୍ୟନ୍ତରୀଣ ବିବାଦ ନାହିଁ ସେ କଥା ନୁହେଁ। କମ୍ୟୁନିଷ୍ଟ ପାର୍ଟି ଓ ଜନସଂଘ (ବର୍ତ୍ତମାନର ବିଜେପି)କୁ ଛାଡି ଦେଲେ ପ୍ରାୟତଃ ଅନ୍ୟ ସବୁ ଦଳର ଜନ୍ମ ଦେଶକୁ ସ୍ୱାଧିନ କରିବା କଂଗ୍ରେସ ଦଳର ଗର୍ଭରୁହିଁ ହୋଇଛି। ପ୍ରଥମେ କଂଗ୍ରେସ ଦଳର ଡ଼କ୍ଟର ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ କୃପାଳିନୀ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଭଳି ଗାନ୍ଧୀବାଦୀ ନେତା ସମାଜବାଦୀ ଗୋଷ୍ଠୀ ଗଠନ କରିଥିଲେ। ଏହି ନେତା ମାନଙ୍କ ସମାଜବାଦୀ ପାର୍ଟି ଗଠନ ହେବାର କିଛିଦିନ ପରେ ତିନି ଭାଗରେ ବିଭାଜିତ ହୋଇଥିଲା। ରାମ ମନୋହର ଲୋହିଆଙ୍କ ନେତୃତ୍ୱରେ ସଂଯୁକ୍ତ ସୋମାଲିଷ୍ଟ ପାର୍ଟି ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ନେତୃତ୍ୱରେ ପ୍ରଜା ସମାଜବାଦୀ ପାର୍ଟି ଏବଂ ଆଚାର୍ଯ୍ୟ କୃପାଳିନୀଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ପ୍ରଜା ମଜଦୁର ପାର୍ଟି। ଏସବୁ ଦଳକୁ ନିର୍ବାଚନ କମିଶନ ଭିନ୍ନ ଭିନ୍ନ ନାମ ଦେଇ ଭିନ୍ନ ଭିନ୍ନ ନିର୍ବାଚନ ସଙ୍କେତ ମଧ୍ୟ ଦେଇଥିଲେ। ୧୯୬୪ରେ କମ୍ୟୁନିଷ୍ଟ ପାର୍ଟିର ବିଭାଜନ ହେଲା। ଗୋଟିଏ ହେଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଅନ୍ୟଟି ହେଲା କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)। ନିର୍ବାଚନ କମିଶନ ମଧ୍ୟ ଦୁଇଦଳଙ୍କୁ ଅଲଗା ଅଲଗା ନିର୍ବାଚନ ଚିହ୍ନ ଆବଣ୍ଟନ କଲେ। କିନ୍ତୁ ଭାରତ ଇତିହାସରେ ସବୁଠାରୁ ବଡ଼ ଦଳୀୟ ବିଭାଜନ ୧୯୬୯ରେ ହୋଇଥିଲା। ସେତେବେଳେ ଥିଲା ଅଖିଳ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ। ସେତେବେଳେ କଂଗ୍ରେସ ଶାସନରେ ଥିଲା ଓ ପ୍ରଧାନମନ୍ତ୍ରୀ ଥିଲେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ। ଇନ୍ଦିରାଗାନ୍ଧୀ ସେହିବର୍ଷ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ତତ୍କାଳୀନ ଉପରାଷ୍ଟ୍ରପତି ଭି.ଭି. ଗିରିଙ୍କୁ ସମର୍ଥନ କରିଥିଲେ। ଦଳ କିନ୍ତୁ ଅନ୍ୟ ଜଣଙ୍କୁ ରାଷ୍ଟ୍ରପତି କରିବାପାଇଁ ଚାହୁଁଥିଲା। ଇନ୍ଦିରାଗାନ୍ଧୀ ଭି.ମି. ଗିରିଙ୍କୁ ସମର୍ଥନ କରିବା କାରଣରୁ କଂଗ୍ରେସ ପାର୍ଟିର କାର୍ଯ୍ୟକାରୀ କମିଟି ଇନ୍ଦିରା ଗାନ୍ଧୀଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଥିଲେ। ଫଳରେ କଂଗ୍ରେସ ଦଳରନେତା ଓ କର୍ମୀ ଦୁଇ ଗୋଷ୍ଠୀରେ ବିଭାଜିତ ହୋଇଥିଲେ ଏବଂ ଦୁଇ ଗୋଷ୍ଠୀ ନିଜକୁ ଅସଲ କଂଗ୍ରେସ ବୋଲି ଦାବି କଲେ। ସେତେବେଳେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଥିଲେ ଏସ୍.ପି ସେନବର୍ମା। ସେନବର୍ମା ଉଭୟ ଗୋଷ୍ଠୀଙ୍କ ଯୁକ୍ତିକୁ ଶୁଣିବା ପରେ କଂଗ୍ରେସ ଦଳର ଚିହ୍ନ ଯୋଡି ବଳଦ ଉପରେ ପ୍ରତିବନ୍ଧ ଲଗାଇ ଦେଲେ ଏବଂ ଦୁଇ ଗୋଷ୍ଠୀଙ୍କୁ ନିଜ ନିଜର ଦଳର ନାମ ଓ ଚିହ୍ନ ବାଛିବା ପାଇଁ ପରାମର୍ଶ ଦେଲେ।

ସେତେବେଳେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଗୋଷ୍ଠୀର ଅଧ୍ୟକ୍ଷ




ଥିଲେ ଆର ସଞ୍ଜିବୈୟା ଏଣୁ ନିର୍ବାଚନ ତାଙ୍କ ଗୋଷ୍ଠୀର ନାମ ରଖିଥିଲେ କଂଗ୍ରେସ (ଆର) ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ଗୋଷ୍ଠୀଙ୍କୁ କଂଗ୍ରେସ (ସଂଗଠନ) ନାମ ଦେଇଥିଲେ। ସେହିଭଳି କଂଗ୍ରେସ (ଆର)କୁ ଗାଇବାଛୁରୀ ଚିହ୍ନ ଦିଆଯାଇଥିବା ବେଳେ କଂଗ୍ରେସ (ସଂଗଠନ)କୁ ଚରଖା କାଟୁଥିବା ମହିଳା ଚିହ୍ନ ଦେଇଥିଲେ ନିର୍ବାଚନ କମିଶନ। ଲୋକେ ମଧ୍ୟ ଏ ଦୁଇ ଦଳକୁ ନୂଆ କଂଗ୍ରେସ ଏବଂ ପୁରୁଣା କଂଗ୍ରେସ ବୋଲି କହିଲେ । ନିର୍ବାଚନ କମିଶନର ସେନବର୍ମା ପୁର୍ବରୁ କଂଗ୍ରେସ କାର୍ଯ୍ୟାଳୟକୁ କଂଗ୍ରେସ (ସଂଗଠନ)କୁ ଦେଇଥିଲେ। ଏଣୁ ଦଳର ପୁରୁଣା ସମ୍ପତ୍ତି ମଧ୍ୟ କଂଗ୍ରେସ (ସଂଗଠନ) ହାତକୁ ଚାଲିଯାଇଥିଲା। କିନ୍ତୁ କାଳାନ୍ତରରେ କଂଗ୍ରେସ (ସଂଗଠନ) ବା ପୁରୁଣା କଂଗ୍ରେସ ତାର ସ୍ଥିତି ହରାଇଥିଲା ଓ କଂଗ୍ରେସ (ଆର) ବା ନୂଆ କଂଗ୍ରେସ ହିଁ ମୂଳ କଂଗ୍ରେସ ଭାବରେ ବିକଶିତ ହୋଇଥିଲା। ଏସବୁ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ଚମତ୍କାର ଥିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ପରେ ଇନ୍ଦିରାଙ୍କ କଂଗ୍ରେସ ପୁଣି ବିଭାଜିତ ହେଲା। ସେତେବେଳେ କଂଗ୍ରେସ ଦଳର କାର୍ଯ୍ୟକାରି କମିଟି ୧୯୬୯ ଭଳି ଇନ୍ଦିରାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଦେଲେ। ଇନ୍ଦିରା ଗାନ୍ଧୀ ଓ ତାଙ୍କୁ ସମର୍ଥନ କରୁଥିବା ଗୋଷ୍ଠୀ ନିଜକୁ ଅସଲି କଂଗ୍ରେସ ବୋଲି ଦାବି କରିଥିଲେ ଓ ମାମଲା ନିର୍ବାଚନ କମିଶନଙ୍କ ନିକଟରେ ପହ□ିଲା। ନିର୍ବାଚନ କମିଶନ ପୁର୍ବରୁ ସେଇ ୧୯୬୯ ନୀତିକୁ ଆପଣେଇ ଇନ୍ଦିରାଙ୍କ ଗୋଷ୍ଠୀକୁ କଂଗ୍ରେସ (ଇନ୍ଦିରା) ଏବଂ ଅନ୍ୟ ଗୋଷ୍ଠୀଙ୍କୁ କଂଗ୍ରେସ (ଅର୍ସ)ର ନାମ ଦେଇଥିଲେ। ନିର୍ବାଚନ କମିଶନ କଂଗ୍ରେସର ଗାଇବାଛୁରୀ ଚିହ୍ନକୁ ରଦ୍ଦ କରିଦେଇ ଇନ୍ଦିରାଙ୍କ କଂଗ୍ରେସ ଗୋଷ୍ଠୀଙ୍କୁ ହାତ ଚିହ୍ନ ଆବଣ୍ଟନ କରିଥିଲେ। କାଳାନ୍ତରରେ କଂଗ୍ରେସ (ଅର୍ସ) ମଧ୍ୟ ସ୍ଥିତି ହରାଇଥିଲା ଓ ସେ ଦଳର ନେତା କଂଗ୍ରେସ (ଆଇ)ରେ ସାମିଲ ହୋଇଥିଲେ।

ବର୍ତ୍ତମାନ ପଶ୍ଚିମବଂଗର ମୁଖ୍ୟ ରାଜନୈତିକ ଦଳ ତୃଣମୂଳ କଂଗ୍ରେସର ବିଭାଜନ ମାମଲ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିକଟରେ ପହ□ିଛି। ଜ୍ଞାନେଶ କୁମାରଙ୍କ ଆଗରେ ପୁର୍ବରୁ ବିଭାଜନର ନଜିର ରହିଛି ଏବଂ ବିଗତବର୍ଷ ମହାରାଷ୍ଟ୍ରର ଆ□ଳିକ ଦଳ ଶିବସେନାର ବିଭାଜନ କଥାମଧ୍ୟ ରହିଛି। ଗତ ବର୍ଷ ଶିବସେନା ବିଭାଜିତ ହେବା ପରେ ମୂଳ ଶିବସେନାରୁ ଅଲଗା ହୋଇଥିବା ଅଧିକ ସଂଖ୍ୟକ ବିଧାୟକଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଅସଲ ଶିବସେନା ବୋଲି ଗ୍ରହଣ କରିଥିଲେ ଓ ଶିବସେନାର ଦଳୀୟ ଚିହ୍ନକୁ ମଧ୍ୟ ସେମାନଙ୍କୁ ଆବଣ୍ଟିତ ବର୍ଗଦେଇଥିଲେ। ସେହିଭଳି ଶରଦ ପାଓ୍ୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିଂର ବିଭାଜନ ପରେ ଏକାଭଳି ନିଷ୍ପତ୍ତି ନେଇଥିଲେ ଜ୍ଞାନେଶ କୁମାର। ନିର୍ବାଚନ କମିଶନଙ୍କ ଏଭଳି ନିଷ୍ପତ୍ତିକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରାଯାଇଛି। କିନ୍ତୁ ତୃଣମୂଳ କଂଗ୍ରେସ କ୍ଷେତ୍ରରେ ନିର୍ବାଚନ କମିଶନର ୧୯୬୯ ଓ ୧୯୭୭ର ଉଦାହରଣକୁ ଗ୍ରହଣ କରି ତୃଣମୂଳ କଂଗ୍ରେସ ଦଳର ନିର୍ବାଚନ ଚିହ୍ନକୁ ନିଷିଦ୍ଧ କରିଛନ୍ତି ଓ ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀଙ୍କୁ ଭିନ୍ନ ଭିନ୍ନ ନାମ ଓ ନିର୍ବାଚନ ଚିହ୍ନ ବାଛିବା ପାଇଁ କହିଛନ୍ତି। ଚ ଳି ତ ବର୍ଷର ମେ ମାସରେ ପଶ୍ଚିମ ବଂଗରେ ବିଧାନସଭା ନିର୍ବାଚନ ଶେଷ ହେବା ପରେ ତୃଣମୂଳ କଂଗ୍ରେସର ବିଭାଜନ ଘଟିଛି। ବିଜୟୀ ବିଧାୟକଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ବିଧାୟକ ବିଦ୍ରୋହକରି ବିଧାୟକ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଭିନ୍ନଗୋଷ୍ଠୀ କରି ନିଜକୁ ଅସଲି ତୃଣମୂଳ କଂଗ୍ରେସ ବୋଲି ଦାବି କରୁଛନ୍ତି। ଏହି କାରଣରୁ ବିଧାନସଭାରେ ବିରୋଧି ଦଳ ନେତା ପଦ ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀକୁ ମିଳିଛି। ଏହାପରେ ତୃଣମୂଳ କଂଗ୍ରେସର ୨୯ ସାଂସଦଙ୍କ ମଧ୍ୟରୁ ୨୦ ସାଂସଦ ମମତାଙ୍କ ଠାରୁ ଅଲଗା ହୋଇ ଏକ ଅନାମଧେୟ ରାଜନୈତିକ ଦଳର ସଦସ୍ୟ ହୋଇଛନ୍ତି। ଆସନ୍ତା ଅକ୍ଟୋବର ମାସ ୬ତାରିଖରେ ପଶ୍ଚିମବଂଗର ଦୁଇଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏଣୁ ଉପନିର୍ବାଚନ ପୁର୍ବରୁ ଦୁଇଗୋଷ୍ଠୀଙ୍କ ପରିଚୟ କ'ଣ ହେବ ସେ କଥା ସ୍ପଷ୍ଟ ହୋଇଯିବ। ଏଣୁ ଏବେ ନିର୍ବାଚନ କମିଶନ ତୃଣମୂଳ କଂଗ୍ରେସକୁ ନେଇ ଯେଉଁ ମଧ୍ୟବର୍ତ୍ତୀ କାଳୀନ ଆଦେଶ ଦେଇଛନ୍ତି ତାହା ଅସ୍ଥାୟୀ ଅଟେ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# କଟକର ସାମାଜିକ ଜୀବନ

**ବିକ୍ରମ ମହାପାତ୍ର**

ଓଡ଼ିଶାର ପ୍ରାଚୀନତମ ଇତିହାସ ଗ୍ରନ୍ଥ 'ମାଦଳା ପାଞ୍ଜି'ରେ ଉଲ୍ଲେଖ ରହିଛି ଯେ ଭୌମ ବଂଶର ରାଜା ନୃପକେଶରୀ ଖ୍ରୀଷ୍ଟ ୯୮୯ରେ ନିଜ ରାଜଧାନୀ କଟକରେ ହିଁ ସ୍ଥାପନ କରିଥିଲେ। କଟକ ସହର ଅର୍ଥ ଏହାର ପରିଚୟ ହେଉଛି ହଜାର ବର୍ଷରୁ ଉର୍ଦ୍ଧ୍ୱ। ଓଡ଼ିଶାର ସଂସ୍କୃତି, ସାହିତ୍ୟ ଓ ଶିକ୍ଷାର ଅନ୍ୟତମ ପ୍ରାଣ କେନ୍ଦ୍ର ହେଉଛି କଟକ। ନୃପକେଶରୀ ଗଢ଼ିଥିବା ଅଭିନବ କଟକ ହେଉଛି ଖ୍ରୀଷ୍ଟୀୟ ୯ମ ଶତାବ୍ଦୀର ସୃଷ୍ଟି। ଅନେକ ହୁଏତ ଜାଣି ନଥିବେ ବର୍ତ୍ତମାନ ଆମେ ଯେଉଁ କଟକ ସହରକୁ ଦେଖୁଛେ ଯାହାକି ରାଜା ନୃପ କେଶରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା ତେବେ ନୃପକେଶରୀଙ୍କ ସେ ଦିନର କଟକ ଥିଲା ବର୍ତ୍ତମାନ ସମୟର ବିଡ଼ାନାସୀ ଗ୍ରାମ। କଟକର ଦୁଇପଟେ ମହାନଦୀ ଓ କାଠଯୋଡ଼ି ନଦୀ। ମହାନଦୀ, କାଠଯୋଡ଼ୀର ସଙ୍ଗମସ୍ଥଳ କୁହାଯାଉଥିବା ସହରର ପଶ୍ଚିମାଞ୍ଚଳରେ ହେଉଛି ଏହି 'ବିଡ଼ାନାସୀ ଗ୍ରାମ'। ଋକ ବେଦରେ ଉଲ୍ଲେଖ ରହିଛି ଯେ ନଦୀର ସଙ୍ଗମସ୍ଥଳ ହେଉଛି ପବିତ୍ର। ତତ୍କାଳୀନ ଇଂରେଜ ଶାସନ ସମୟରେ ନଦୀ କୂଳରେ ସହର ସବୁ ଗଢ଼ି ଉଠିଥିଲା। କଟକ ସହର ଦେଖିଛି ନୃପକେଶରୀଙ୍କ ରାଜ ଶାସନ ଠାରୁ ମୋଗଲ, ମରହଟ୍ଟା, ବ୍ରିଟିଶଙ୍କ ଠାରୁ ବର୍ତ୍ତମାନର ପ୍ରଜାତନ୍ତ୍ର ସମୟ। ଅନଙ୍ଗଭୀମ ଦେବଙ୍କ ବାରବାଟୀ ଦୁର୍ଗ ଆଜି ସେହି ଭଗ୍ନ ସ୍ମୃତି ଭିତରେ ମନେପକାଉଛି ସହରର ଅନେକ କଥା, ଅନେକ ଅତୀତର ଘଟଣାବଳୀ।

ନୃପକେଶରୀଙ୍କ କଟକ ସହର ଆଜିର ସମୟକୁ ଦେଖିଲେ ଅନେକଙ୍କୁ ବିଶ୍ୱାସ ନଲାଗି ପାରେ ଏଇଠି ସହରର ସର୍ବୋଚ୍ଚ ନ୍ୟାୟାଳୟ ଏଇଠି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ହସ୍ପିଟାଲ, ଏଇଠି ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏଇଠି ହିଁ ରେଳ ଷ୍ଟେସନ, ଛତ୍ରବଜାର, ମାଲଗୋଦାମ, ଏଇଠି ହିଁ ଶିଶୁ ଭବନ, ବିଳାସପୂର୍ଣ୍ଣ ହୋଟେଲ ଠାରୁ ପ୍ରେକ୍ଷାଳୟ, ସଭାସମିତି ଗୃହ ଠାରୁ ମନୋଜ୍ଞ ଉଦ୍ୟାନ। ଅତୀତର ନୌବାଣିଜ୍ୟ ଏହି ସହରର ନଦୀ କୂଳକୁ କୋଳାହଳ ମୟ କରିଥିବା ଏବେ ମଧ୍ୟ କଟକ ସହରର ରାଜ୍ୟର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ। ଅଭିନବ ବିଡ଼ାନାସୀ ଏବେ ଅନେକ ଉନ୍ନତି ଓ ପ୍ରଗତି ଭିତରେ 'ବିଡ଼ାନାସୀର' ପରିଚୟ ପାଇଲାଣି। କଟକଟି ସହର ହେଲେ ମଧ୍ୟ ଏ ସହର ଭିତରେ ରହିଛି ଅନେକ ଗାଁ, ପଡ଼ା ଆଉ ସାହି ବସ୍ତୀ। କଟକର ଭାଇଚାରା ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଏହି ସହରରେ ଓଡ଼ିଆଙ୍କ ବ୍ୟତୀତ, ମୁସଲମାନ, ଖ୍ରୀଷ୍ଟିଆନ, ତେଲଗୁ, ମାରୱାଡ଼ି, ଗୁଜୁରାଟୀ, ବିହାରୀ, ବଙ୍ଗାଳୀ, ପଞ୍ଜାବୀ, ତାମିଲ, କେରଳୀ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ସମ୍ପ୍ରଦାୟର ଲୋକମାନେ ଏଠି ସ୍ନେହ ପ୍ରୀତି ସଂହତି ଓ ସଂସ୍କୃତିକୁ ନେଇ ନିଜ ଜୀବନ ଓ ଗୁଜୁରାଣ ନିର୍ବାହ କରୁଛି।

ଦଶହରା ହେଉ ବା ବାଲିଯାତ୍ରା, ଏହା ହେଉଛି କଟକୀ ଜୀବନ ସଂସ୍କୃତିର କେବଳ ସାମାଜିକ ପାର୍ବଣ ନୁହଁ ବରଂ ଖାନଦାନୀ ପରିଚୟ ଆଉ ସମୃଦ୍ଧିର ଦାସ୍ତାବିଜ। ଝିଅ ବିଭାଘରେ ଶାଶୁଘରକୁ ଗଲାବେଳେ ସବାରୀରେ କନ୍ୟା କାନ୍ଦଣା ଶୁଭେ, ବର ପାଲିଙ୍କି ପାଟଛତା ନେଇ ଶୋଭଯାତ୍ରାରେ ବାହାରେ, ବ୍ରତଚାରୀର ବ୍ରତପୋନୟନ ହୁଏ ଆଉ ଯେଉଁଠି ଜୀବନ ସରେ ସେଠି ସେ ଲୋକ ସାଇ ଭାଇଙ୍କ କାନ୍ଧରେ ଶ୍ମଶାନକୁ ଯାଇଥାଏ। କେହି କେହି କୁହନ୍ତି 'କଟକରେ ରାତି ନାହିଁ କି ପୁରୀରେ ଜାତି ନାହିଁ' ଦିନ ଥିଲା ଢ଼େର ରାତି ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହୁଥିଲା। ଏବେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଛି ଛୋଟିଆ ମୋଟିଆ ଦୋକାନ ଖୋଲା ରହୁଛି। ତେବେ କଟକ ସହରରେ ରହିଛି ଅନେକ ପ୍ରାଚୀନତମ ମଠ, ମନ୍ଦିର, ଦେବାଳୟ, ଚର୍ଚ୍ଚ ଓ ମସଜିଦ୍।

ଇଏ ହେଉଛି ଏପରି ସହର ଯେଉଁଠି ଜଣେ ଧନୀ ବି ଜୀବନ ଜିଇଁ ପାରେ ଜଣେ ଗରିବ ମଧ୍ୟ ଜୀବନ ନିର୍ବାହ କରିପାରେ। ପେଟ ପାଟଣା ପାଇଁ ଏହି ସହରରେ ଲକ୍ଷ ଲକ୍ଷ ଲୋକ ନିଜ ଜୀବନ ଜୀବିକାକୁ ନେଇ ଆଗେଇ ଚାଲିଛନ୍ତି ଆଉ ସେମାନଙ୍କ ସହିତ ସେମାନଙ୍କର ସୁଖ ଦୁଃଖ ମଧ୍ୟ। ସବୁଠି ହିଁ ଈଶ୍ୱରଙ୍କ ଜୟଜୟକାର ଆଉ ନିଜ ଇଷ୍ଟଦେବଙ୍କ କୃପା ପାଇବା ପାଇଁ ସମସ୍ତଙ୍କର ପ୍ରାର୍ଥନା ଓ ଗୁହାରୀ। ସହରରେ ଭାଇଚାରା ଏପରି ଯେ ମହାନଦୀ ଓ କାଠଯୋଡ଼ୀରେ ଅନେକ ପାଣି ବୋହିଗଲାଣି ସିନା କିନ୍ତୁ ଭାଇଚାରା ଅକ୍ଷୁର୍ଣ୍ଣ ହୋଇ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକମାନେ କଟକ ଓ ମର୍କତ ନଗରରେ ଜାଗାବାଡ଼ି କିଣି ଘରଦ୍ୱାର କରି ଏକ ପ୍ରକାର କଟକିଆ ବି ହୋଇଗଲେଣି। ସମୟ ସୁଅରେ କଟକ ଆଗେଇ ଚାଲିଛି ଏ ସବୁ ଭିତରେ ହଜାର ବର୍ଷର ସ୍ମୃତି, ବିସ୍ମୃତି ସବୁକୁ ନିଜ ଭିତରେ ଧରି। ଅତୀତର ଗରିମାମୟ ସ୍ମୃତିକୁ ଗର୍ଭରେ ଧରି କଟକର ଚଳମାନ ସମାଜ ଯୁଗ ଯୁଗ ଧରି ପରିବର୍ତ୍ତନର ଘୂର୍ଣ୍ଣନ ମଧ୍ୟରେ ରହି ଆସିଛି, ଶାନ୍ତ, ସୁଧୀର ଅଥଚ ଚଳଚଞ୍ଚଳ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫, E-mail : abhisekmohapatra1999@gamil.com

# ମୋଟାପଣ ମାପିବାକୁ ନୂଆ ଉପାୟ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

କେଉଁଠି ନା କେଉଁଠି ଓଜନ କମାଇବାର କାହାଣୀ ଅନେକଙ୍କୁ ପ୍ରେରଣା ଯୋଗାଏ। କୌଣସି କାରଣ ପାଇଁ ଓଜନ ବଢ଼ିଗଲେ ଏହାଦ୍ୱାରା କେବଳ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇନଥାଏ ବଞ୍ଚିବା ମୁସ୍କିଲ ହୋଇଯାଏ ହେଲେ ଦୃଢ଼ ନିଷ୍ଠା ଓ ମନୋବଳ ରଖି ଓଜନ କମାଇବାର ଏକ ରୁଟିନ ତିଆରି କରି ଜୀବନ ଆରମ୍ଭ କଲେ ଦେଖିବେ ଓଜନ କମିବା ଥୟ।

କୌଣସି ବ୍ୟକ୍ତିଙ୍କ ମୋଟାପଣ ବା ମେଦବହୁଳତା ନିର୍ଣ୍ଣୟ କରିବା ପାଇଁ ତାଙ୍କ ଶରୀରର ଓଜନ ଓ ଉଚ୍ଚତା ମଧ୍ୟରେ ଥିବା ଅନୁପାତକୁ ବିଚାରକୁ ନିଆଯାଇଥାଏ। ଏହାକୁ 'ବଡ଼ି ମାସ ଇଣ୍ଡେକ୍ସ' କୁହାଯାଏ। ତେବେ ନିକଟରେ ଦଳେ ବିଶ୍ୱସ୍ତରୀୟ ବିଶେଷଜ୍ଞ ବିଏମଆଇକୁ ବିବାଦୀୟ ବୋଲି ଅଭିହିତ କରିଛନ୍ତି। ଗଣମାଧ୍ୟମରେ ସେମାନଙ୍କର ତଥ୍ୟ ସବୁ ଯାହା ପ୍ରକାଶ ପାଇଛି ସେମାନଙ୍କ କହିବା କଥା, ଅତ୍ୟଧିକ ଚର୍ବି ଜନିତ ମୋଟାପଣ ବା ପୃଥୁଳକାୟତାର ଚିକିତ୍ସାରେ କେବଳ ବିଏମଆଇ ଜାଣିବା ଯଥେଷ୍ଟ ନୁହେଁ। କାରଣ ବେଳେ ବେଳେ ଏହା ମାତ୍ରାଧିକ ମେଦବହୁଳତାକୁ ସୂଚାଉଥାଏ ତ ପୁଣି କେତେବେଳେ ମଧ୍ୟ ମେଦବହୁଳତାକୁ ଅଣଦେଖା କରିଥାଏ। ଉଦାହରଣ ସ୍ୱରୂପ ବିଏମଆଇ ସୂଚକାଙ୍କର ସ୍ୱାଭାବିକ ପରିମାଣ ୩୦ କିମ୍ବା ତା ଠାରୁ କମ ରହିବା ବାଞ୍ଛନୀୟ। ତେବେ ବେଳେ ବେଳେ ମାତ୍ରାଧିକ ଚର୍ବି ଥିବା ବ୍ୟକ୍ତିଙ୍କର ବିଏମଆଇ ୩୦ ଟପୁନଥିବା ବେଳେ ଶକ୍ତ ମାଂସପେଶୀ ଥିବା କ୍ରୀଡ଼ାବିତଙ୍କ କ୍ଷେତ୍ରରେ ସ୍ୱାଭାବିକ ଚର୍ବି ସତ୍ତ୍ୱେ ବିଏମଆଇ ପରିମାଣ ୩୦ ଉପରେ ଦର୍ଶାଇଥାଏ।

ଅପରପକ୍ଷେ, ବିଶେଷଜ୍ଞମାନେ ଶରୀରର ମୋଟାପଣ ମାପିବା ପାଇଁ ଅନ୍ୟ ଏକ ନୂତନ ପଦ୍ଧତି ଅନ୍ୱେଷଣ କରିଛନ୍ତି ଏଥିରେ ଶରୀରର ଉଚ୍ଚତା ଓ ଓଜନ ସମେତ ଅଣ୍ଟାର ଗୋଲେଇ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ତର୍ଜମା କରିବାକୁ ହୋଇଥାଏ। ସୂଚନାଯୋଗ୍ୟ ସମ୍ପ୍ରତି ସମଗ୍ର ବିଶ୍ୱରେ ପ୍ରାୟ ୧୦୦ କୋଟି ଲୋକ ମେଦବହୁଳତାର ଶିକାର ହୋଇଥିବା ଆକଳନ କରାଯାଇଛି। ବିଶେଷକରି ଆମେରିକାର ପ୍ରାୟ ୪୦ ପ୍ରତିଶତ ନାଗରିକ ମେଦବହୁଳତା ଶରୀର ଧାରଣ କରିଥିବା ଜଣାଯାଇଛି। ଶରୀରର ମେଦବହୁଳତା ହିଁ ହୃଦସମସ୍ୟା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକଟକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହାର ଚିକିତ୍ସା ପାଇଁ ଅନେକ ଆଗଭର ଅଛନ୍ତି। ତେବେ ସେମାନଙ୍କ ଶରୀରର ଅନାବଶ୍ୟକ ମେଦବହୁଳ ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଏକ ତ୍ରୁଟିହୀନ ପଦ୍ଧତିର ଆବଶ୍ୟକତା ରହିଛି, ଯାହା କେବଳ ବିଏମଆଇ ମାପିଦେଲେ ଯଥେଷ୍ଟ ହେବନାହିଁ ବୋଲି ଓ୍ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ରଖିଛନ୍ତି। ସେମାନଙ୍କ ପଦ୍ଧତିରେ ଦୁଇ ପ୍ରକାରର ଶାରୀରିକ ସ୍ଥିତି ନିର୍ଣ୍ଣୟ କରିବାକୁ ହେବ। ଗୋଟିଏ ହେଲା କ୍ଲିନିକାଲ ଓବେସିଟି ଏବଂ ଅନ୍ୟଟି ହେଉଛି ପ୍ରିକ୍ଲିନିକାଲ ଓବେସିଟି। କ୍ଲିନିକାଲ ଓବେସିଟି ଦ୍ୱାରା ଶରୀରର ବିଏମଆଇ ସମେତ ମେଦବହୁଳତାର ଅନ୍ୟାନ୍ୟ ସଂକେତ ଜାଣି ହୋଇଥାଏ। ଏଥି ସହିତ ପୃଥୁଳକାୟତା ସହ ଜଡ଼ିତ ହୃଦରୋଗ, ଉଚ୍ଚ ରକ୍ତଚାପ, ଯକୃତ କି ବୃକକ୍ ଜନିତ ରୋଗ ଏବଂ ଦୀର୍ଘଦିନର ଆଣ୍ଠୁଗଣ୍ଠି କି ଅଣ୍ଟା ଯନ୍ତ୍ରଣା ଆଦିର ତର୍ଜମା କରାଯାଇଥାଏ। ଏଭଳି ରୋଗୀଙ୍କର ଚିକିତ୍ସା ଜରୁରୀ। ଅପରପକ୍ଷେ, ପ୍ରିକ୍ଲିନିକାଲ ଓବେସିଟିରେ ଉପରୋକ୍ତ ସମସ୍ୟା ଗୁଡ଼ିକର ଆଶଙ୍କା ଥିବା ଜଣାପଡ଼ିଥାଏ। ମାତ୍ର ରୋଗୀ କୌଣସିଥିରେ ପୀଡ଼ିତ ନଥାଏ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଏହାର ଚିକିତ୍ସା କରାଯିବା ସମ୍ଭବ।

ସଂପ୍ରତି ଏହି ମେଦବୃଦ୍ଧି ଆଉ ଚିନ୍ତାଜନକ ହୋଇନାହିଁ। ନିଜେ ଶରୀରକୁ ସୁସ୍ଥ ଓ ଫିଟ ରଖିବା ସହ ବିଭିନ୍ନ ଶାରୀରିକ ବ୍ୟାୟାମ, ଡାଏଟିଂ ମଧ୍ୟ କରୁଛନ୍ତି। ସନ୍ତୁଳିତ ଜୀବନ ଦ୍ୱାରା ଶରୀର ପୃଥୁଳକାୟ ହୋଇ ଆପଣଙ୍କ ପାଇଁ ଆଦୌ 'ଅରୂପ' ହେବନାହିଁ।



# ସଂକଟରେ ଦକ୍ଷିଣ ଓ ପଶ୍ଚିମ ଭାରତ

**ନୂଆଦିଲ୍ଲୀ,୨୭।୯(ଏଜେନ୍ସି):**ଜଳବାୟୁ ପରିବର୍ତ୍ତନ ଓ ବୃଷ୍ଟିପାତର ଅଭାବ ଯୋଗୁଁ ଦେଶର ବିଭିନ୍ନ ରାଜ୍ୟରେ ମରୁଡ଼ି ସମସ୍ୟା ଗମ୍ଭୀର ରୂପ ଧାରଣ କରିଛି। ଗୋଟିଏ ପଟେ ଦୀର୍ଘଦିନର ବର୍ଷା ଅଭାବ ଯୋଗୁଁ ମହାରାଷ୍ଟ୍ର ସରକାର ଶନିବାର ରାଜ୍ୟର ୩୫୮ ଟି ତହସିଲ୍ ମଧ୍ୟରୁ ୨୬୫ ଟି ତହସିଲକୁ ମରୁଡ଼ି ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଅନ୍ୟପଟେ ୫୨ ବର୍ଷର ଏକ ଜଳବାୟୁ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି ଯେ ଦକ୍ଷିଣ ଭାରତରେ ମରୁଡ଼ି ପ୍ରଭାବିତ ଅଞ୍ଚଳ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେଉଁଥିରେ ତାମିଲନାଡୁ ସବୁଠାରୁ ଅଧିକ ପ୍ରଭାବିତ କ୍ଷେତ୍ର ସାଜିଛି।ମହାରାଷ୍ଟ୍ରରେ ସୃଷ୍ଟି ହୋଇଥିବା ଏହି ସଙ୍କଟ ଯୋଗୁଁ ରାଜ୍ୟର ପ୍ରାୟ ତିନି-ଚତୁର୍ଥାଂଶ ଅଞ୍ଚଳ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ବର୍ଷା ଅଭାବ ଥିବା ଅଞ୍ଚଳଗୁଡ଼ିକ ପରିଦର୍ଶନ କରିବା ପରେ ସରକାର ଏହି ମରୁଡ଼ି ବିଜ୍ଞପ୍ତି ଜାରି କରିଛନ୍ତି। କୃଷି କମିଶନରଙ୍କ ରିପୋର୍ଟ ଅନୁଯାୟୀ, ଜୁନ୍ ମାସରୁ ଲଗାତାର ୨୧ ଦିନରୁ ଅଧିକ ସମୟ ଧରି ବର୍ଷା ନହେବା ଯୋଗୁଁ ଏହି ୨୬୫ ଟି ତାଲୁକାରେ ଗମ୍ଭୀର ମରୁଡ଼ି ସ୍ଥିତି ଉପୁଜିଛି। ଏହି ଘୋଷଣା ପରେ ଚାଷୀଙ୍କ ପାଇଁ ଜମି ରାଜସ୍ୱ ଛାଡ଼, କୃଷି ଋଣର ପୁନର୍ଗଠନ ଏବଂ ଋଣ ଆଦାୟ ଉପରେ ସ୍ଥଗିତାଦେଶ ଭଳି ରିହାତି ବ୍ୟବସ୍ଥା ଲାଗୁ କରାଯାଇଛି। ଜିଲ୍ଲାପାଳମାନଙ୍କୁ ଜିପିଏସ୍ ଆଧାରିତ ଫଟୋଗ୍ରାଫ୍ ମାଧ୍ୟମରେ କ୍ଷତିଗ୍ରସ୍ତ ଫସଲର ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ଶେଷ ହେବା ପରେ କ୍ଷତିପୂରଣ ଆର୍ଥିକ ସହାୟତା ଘୋଷଣା କରାଯିବ।ସେହିପରି ଦକ୍ଷିଣ ଭାରତର ସ୍ଥିତିକୁ ନେଇ 'ଇଣ୍ଟରନ୍ୟାସନାଲ ଜର୍ନାଲ ଅଫ୍ କ୍ଲାଇମେଟୋଲୋଜି'ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ୧୯୭୧ ରୁ ୨୦୨୨ ମଧ୍ୟରେ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ୨୦୦୦ ମସିହା ପରଠାରୁ ଦକ୍ଷିଣ ଭାରତରେ ମରୁଡ଼ି ବାରମ୍ବାର ଦେଖାଦେଉଛି। ଜାତୀୟ ମଧ୍ୟମ ଧରଣର ପାଣିପାଗ ପୂର୍ବାନୁମାନ କେନ୍ଦ୍ର (ଏନସିଏମଆରଡବ୍ଲ୍ୟୁଏଫ୍), ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏବଂ ଆନ୍ଧ୍ରିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ହୋଇଥିବା ଏହି ଗବେଷଣା ଅନୁଯାୟୀ, ଗତ ୫୦ ବର୍ଷରେ ଅନ୍ୟ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ମରୁଡ଼ି ସବୁଠାରୁ ଗମ୍ଭୀର ରୂପ ନେଇଛି। ବିଶେଷକରି ତାମିଲନାଡୁରେ ଉତ୍ତର-ପୂର୍ବ ମୌସୁମୀ ବାୟୁ ବିଫଳ ହେଲେ ଭୟଙ୍କର ସଙ୍କଟ ସୃଷ୍ଟି ହେଉଛି। ୨୦୧୬ରେ ବର୍ଷା ଅଭାବ ଯୋଗୁଁ ରାଜ୍ୟର ସମସ୍ତ ୩୨ ଟି ଜିଲ୍ଲାକୁ ମରୁଡ଼ି ଘୋଷଣା କରାଯାଇଥିଲା। ଏଲନିନୋ ପ୍ରଭାବ ଯୋଗୁଁ ୨୦୨୭ ପର୍ଯ୍ୟନ୍ତ ଜଳସଙ୍କଟ ଜାରି ରହିପାରେ ବୋଲି ପରାମର୍ଶଦାତା କମିଟି ସତର୍କ କରାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି କମ୍ ଜଳ ଆବଶ୍ୟକ କରୁଥିବା, କମ୍ ଦିନରେ ଅମଳ ହେଉଥିବା ଏବଂ ମରୁଡ଼ି ସହିପାରୁଥିବା ଫସଲ ଚାଷ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି।

## ବସ୍ ଓଲଟି ୧୧ ମୃତ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)** ଇରାନରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୪ ଜଣ ଆହତ ହୋଇଥିବା ଶନିବାର ସରକାରୀ ଟେଲିଭିଜନ ରିପୋର୍ଟ କରିଛି। କେନ୍ଦ୍ରୀୟ ମାର୍କାଜି ପ୍ରଦେଶର ସାଭେ-ହାମାଦାନ ଫ୍ରିୱେରେ ଏହି ଦୁର୍ଘଟଣା ଘଟିଛି। ପ୍ରାଦେଶିକ ଟ୍ରାଫିକ୍ ପୁଲିସ କହିଛି ଯେ, ଡ୍ରାଇଭର କ୍ଲାନ୍ତ ଥିଲେ ତାଙ୍କ ଆଖି ନିଦରେ ବୁଜି ହୋଇଯିବାରୁ ଏଭଳି ଘଟିଥିଲା।ବସ୍ ଉପରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ଓଲଟି ପଡ଼ିଥିଲା। ଇରାନର ଟ୍ରାଫିକ୍ ବ୍ୟବସ୍ଥା ବିଶ୍ୱସ୍ତରରେ ସବୁଠାରୁ ଖରାପ। ପ୍ରତିବର୍ଷ ଏଠାରେ ଦୁର୍ଘଟଣାରେ ୧୭ ହଜାରରୁ ଅଧିକ ଲୋକଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥାଏ। ବିଶେଷଜ୍ଞମାନଙ୍କ ଅନୁସାରେ ଅସୁରକ୍ଷିତ ଯାନବାହାନ, ଟ୍ରାଫିକ୍ ନିୟମକୁ ଅବମାନନା ଏବଂ ଅପର୍ଯ୍ୟାପ୍ତ ଜରୁରୀକାଳୀନ ସେବା ଯୋଗୁଁ ମୃତ୍ୟୁ ସଂଖ୍ୟା ଅଧିକ ରହିଥାଏ। ଚଳିତ ମାସ ଆରମ୍ଭରେ ପଶ୍ଚିମ ସାନନ୍ଦଜ ସହର ନିକଟରେ ଏକ ଇନ୍ଧନ ଟ୍ୟାଙ୍କର ଅନ୍ୟ ଯାନବାହାନ ସହିତ ଧକ୍କା ହୋଇ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ସାତ ଜଣ ଆହତ ହୋଇଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଯୋଗୀ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)** ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନର ତାତି ଏବେଠାରୁ ଅନୁଭବ ହେବାକୁ ଲାଗିଲାଣି। ବିଜେପି ନିଜ ସାଂଗଠନିକ ପ୍ରସ୍ତୁତିକୁ ବୁଥ୍ ସ୍ତରକୁ ନେବା ଆରମ୍ଭ କରିଛି। ଏହି କ୍ରମରେ ଆଜି ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହୋଇଛି ଏହି ସାକ୍ଷାତକାର। ପ୍ରାୟ ଏକ ଘଣ୍ଟା ଧରି ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ରିପୋର୍ଟ ରହିଛି। ତେବେ ବୈଠକରେ କେଉଁ କେଉଁ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହେଲା, ସେନେଇ ସରକାରୀ ଭାବେ ସବିଶେଷ ସୂଚନା ସାମ୍ନାକୁ ଆସିନାହିଁ।ନିର୍ବାଚନୀ ପ୍ରସ୍ତୁତିରେ ବିଜେପି ଏବେ ବୁଥ୍ ସ୍ତରରେ ସାମାଜିକ ପ୍ରତିନିଧିତ୍ୱ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛି। ଦଳର ଯୋଜନା ଅନୁସାରେ, କୌଣସି ବୁଥ୍ ?ରେ ଯେଉଁ ସାମାଜିକ ବର୍ଗର ଉପସ୍ଥିତି ରହିଛି, ବୁଥ୍ କମିଟିରେ ସେହି ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ ଦେବା ଉପରେ ଜୋର ଦିଆଯିବ। ଅର୍ଥାତ୍ ଯେଉଁ ସମାଜ ସହ ଦଳ ସିଧାସଳଖ ସମ୍ପର୍କ ବଢ଼ାଇବାକୁ ଚାହୁଁଛି, ସେହି ସମାଜର ଲୋକଙ୍କୁ ସଂଗଠନରେ ଦାୟିତ୍ୱ ଦେବା ରଣନୀତି ଆପଣାଇବାକୁ ଯୋଜନା ରହିଛି। ଏହା ମାଧ୍ୟମରେ ସ୍ଥାନୀୟ ସ୍ତରରେ ବିଭିନ୍ନ ସାମାଜିକ ଗୋଷ୍ଠୀ ସହ ସଂପର୍କ ମଜବୁତ କରିବାକୁ ଦଳ ଚାହୁଁଛି।ବିଜେପିର ବୁଥ୍ ?ୱାରି ଆକଳନରେ ୨୦୨୨ ବିଧାନସଭା ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନରେ ପୂର୍ବପରି ପ୍ରଦର୍ଶନ କରିପାରିନଥିବା ପ୍ରାୟ ୧୮,୯୦୦ ବୁଥ୍ ଚିହ୍ନଟ ହୋଇଥିବା ରିପୋର୍ଟରେ କୁହାଯାଇଛି। ଏହି ବୁଥ୍ ?ଗୁଡ଼ିକ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ଥିବା ଦାବି କରାଯାଇଛି। ଅବଧ ଓ ପୂର୍ବାଞ୍ଚଳରେ ଏଭଳି ବୁଥ୍‌ର ସଂଖ୍ୟା ଅଧିକ ବୋଲି ରିପୋର୍ଟ ରହିଛି। ଏହି ଅଞ୍ଚଳଗୁଡ଼ିକରେ ସାଂଗଠନିକ କାର୍ଯ୍ୟକଳାପ ବଢ଼ାଇବା ସହ ସ୍ଥାନୀୟ ସ୍ତରରେ କର୍ମୀ ଓ ଲୋକଙ୍କ ମଧ୍ୟରେ ସଂପର୍କ ମଜବୁତ କରିବାକୁ ଦଳ ଫୋକସ୍ କରୁଛି।ବିଜେପିର ଜାତୀୟ ମହାସଚିବ ତଥା ୟୁପି ପ୍ରଭାରୀ ବିନୋଦ ତାୱଡେ ନିକଟରେ ୟୁପିର ସଂଗଠନାତ୍ମକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସମେତ ବରିଷ୍ଠ ନେତା ଓ ଦଳୀୟ ପଦାଧିକାରୀଙ୍କ ସହ ବୈଠକ କରି ବୁଥ୍ ସ୍ତରର ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ଜୋର ଦେଇଛନ୍ତି। ସେପ୍ଟେମ୍ବର ୧୨ ତାରିଖରେ ବିଜେପିର କୋର ଗ୍ରୁପ୍ ବୈଠକରେ ମଧ୍ୟ ୨୦୨୭ ନିର୍ବାଚନ ପ୍ରସ୍ତୁତି, ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ଏବଂ ତୃଣମୂଳ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଉପରେ ଆଲୋଚନା ହୋଇଥିଲା।

## ଆଶ୍ରମର ଚତୁର୍ଥ ମହଲାରୁ ଡେଇଁ ଜୀବନ ହାରିଲେ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ବୃନ୍ଦାବନର ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟ ଦୀପକ ରସିକ ଦୁଲାରୀଙ୍କ ମୃତ୍ୟୁ ହୋଇଛି। ଆଶ୍ରମର ଚତୁର୍ଥ ମହଲାରୁ ଖସିପଡ଼ିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ଘଟଣା ବୃନ୍ଦାବନ ଅଞ୍ଚଳର ଗୁରୁ କୃପା କୁଞ୍ଜରେ ଘଟିଛି।ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୧୦ଟା ୩୦ ମିନିଟ୍‌ରେ ଦୀପକ ରସିକ ଦୁଲାରୀ ଚତୁର୍ଥ ମହଲାରୁ ଡେଇଁ ପଡିଥିଲେ। ତାଙ୍କ ମୁଣ୍ଡ ଓ ଶରୀରରେ ଗୁରୁତର ଭାବେ ଆଘାତ ଲାଗିଥିଲା । ସଙ୍ଗେସଙ୍ଗେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ସମୟରେ ଦୀପକଙ୍କ ମୃତ୍ୟୁ ହୋଇଥିଲା।ଘଟଣା ସମ୍ପର୍କରେ ପୁଲିସକୁ ବହୁ ସମୟ ପରେ ସୂଚନା ମିଳିଥିଲା। ଆଶ୍ରମ ସହ ଜଡ଼ିତ ଲୋକମାନେ ହିଁ ରସିକଙ୍କୁ ହସ୍ପିଟାଲକୁ ନେଇଥିଲେ। ରସିକ ଦୁଲାରୀଙ୍କ ପ୍ରକୃତ ନାମ ଦୀପକ ଲୋଧୀ। ସେ ମଧ୍ୟପ୍ରଦେଶର ଜବଲପୁରର ବାସିନ୍ଦା ଥିଲେ।ପୁଲିସ କହିଛି ଯେ ପ୍ରାଥମିକ ତଦନ୍ତରୁ ଏହା ଜୀବନ ହାରିଥିବା ମାମଲା ଭଳି ଲାଗୁଛି। ଦୀପକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଫରେନସିକ୍ ଟିମ୍ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରୁଛନ୍ତି।ପୁଲିସ ହତ୍ୟା ଓ ଆତ୍ମହତ୍ୟା ଉଭୟ ଦିଗରୁ ମାମଲାର ତଦନ୍ତ କରୁଛି। ରସିକ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟ ଥିଲେ। ଘଟଣା ସମ୍ପର୍କରେ ତାଙ୍କ ପରିବାରକୁ ସୂଚନା ଦିଆଯାଇଛି। ମଧ୍ୟପ୍ରଦେଶରୁ ତାଙ୍କ ପରିବାର ମଥୁରାରେ ପହଞ୍ଚିବା ପରେ ମୃତଦେହର ବ୍ୟବଚ୍ଛେଦ କରାଯିବ।

# ରାମ ମନ୍ଦିର ଦାନ ଟଙ୍କା ଚୋରି ମାମଲାରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲନ୍ତୁ :କଂଗ୍ରେସ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ଅଯୋଧ୍ୟା ରାମ ମନ୍ଦିରରେ ଦାନ ଅର୍ଥ ଟଙ୍କା ହେରଫେର ଓ ଚୋରି ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଉପରେ ଜୋରଦାର ବର୍ଷିଛି କଂଗ୍ରେସ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୁରନ୍ତ ମୁହଁ ଖୋଲନ୍ତୁ ବୋଲି କଂଗ୍ରେସ ଦାବି କରିଛି । ଯଦି ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲନ୍ତି, ତେବେ ଚୋରମାନଙ୍କୁ ତାଙ୍କର ସୁରକ୍ଷା ରହିଛି ବୋଲି ଧରିନିଆଯିବ ବୋଲି ଦଳ କହିଛି । ଏହି ସମ୍ବେଦନଶୀଳ ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନିରପେକ୍ଷ ତଥା ସ୍ୱଚ୍ଛ ତଦନ୍ତ କରାଯିବାକୁ କଂଗ୍ରେସ ଦାବି କରିଛି।ଏହି ପ୍ରସଙ୍ଗରେ କଂଗ୍ରେସ ମହାସଚିବ ଜୟରାମ ରମେଶ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ପୂରା ଘଟଣାକୁ 'ଚାନ୍ଦା ଚୋରି, ଆସ୍ଥା ସହ ପ୍ରତାରଣା' ବୋଲି ଆଖ୍ୟା ଦେଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ର ତଦନ୍ତ ଏବଂ ଚାର୍ଜସିଟ୍‌ରୁ ସାମ୍ନାକୁ ଆସିଥିବା ତଥ୍ୟରୁ ସ୍ପଷ୍ଟ ହେଉଛି ଯେ ସରକାରୀ ସ୍ତରରେ ଏହାକୁ ଘୋଡ଼ାଇବା ପାଇଁ ଉଦ୍ୟମ ଚାଲିଛି। ଏହି ମାମଲାରେ କେବଳ ଛୋଟ କର୍ମଚାରୀଙ୍କୁ ଫସାଇ 'ବଡ଼ ମାଛ'ଙ୍କୁ ବଞ୍ଚାଇବାକୁ ଚେଷ୍ଟା କରାଯାଉଛି ବୋଲି ସେ ଦୋଷାରୋପ କରିଛନ୍ତି ।ଚାର୍ଜସିଟ୍‌ରେ ଥିବା ତଥ୍ୟ ଆଧାରରେ ଜୟରାମ ରମେଶ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଚଳିତ ବର୍ଷ ଜୁନ୍ ୪ ତାରିଖରେ ଟଙ୍କା ଗଣତି କକ୍ଷର ଶୌଚାଳୟରୁ ପ୍ରାୟ ୨.୨୫ ଲକ୍ଷ ଟଙ୍କା ମିଳିବାର ଏକ ଭିଡିଓ ରାମ ମନ୍ଦିର



ଟ୍ରଷ୍ଟର ତତ୍କାଳୀନ ମହାସଚିବ ଚମ୍ପତ ରାୟଙ୍କ ନିକଟକୁ ପଠାଯାଇଥିଲା । ଏପରିକି ତା' ପରଦିନ ତାଙ୍କୁ ସିସିଟିଭି ଫୁଟେଜ୍ ମଧ୍ୟ ଦେଖାଯାଇଥିଲା । ତେବେ ସବୁ ପ୍ରମାଣ ଥାଇ ମଧ୍ୟ ଏଫଆଇଆର୍ ରୁଜୁ କରିବା ପାଇଁ ପ୍ରାୟ ୨୧ ଦିନ କାହିଁକି ସମୟ ଲାଗିଲା ଏବଂ ଜୁନ୍ ୨୫ରେ ଯାଇ କାହିଁକି ମାମଲା ଦାୟର ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି ।ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଏସଆଇଟି ତଦନ୍ତରେ ବିନା ଅନୁମତିରେ ଦାନ ଟଙ୍କା ଲୁଚାଇବା କିମ୍ବା ହେରଫେର କରିବାର ପ୍ରାୟ ୧୦୫ଟି ଘଟଣା ସାମ୍ନାକୁ ଆସିଛି । ଏହା ସତ୍ତ୍ୱେ ତଦନ୍ତକୁ କେବଳ ଆଠ ଜଣ ଅଭିଯୁକ୍ତଙ୍କ ମଧ୍ୟରେ କାହିଁକି ସୀମିତ ରଖାଗଲା ଚମ୍ପତ ରାୟ, ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କ ଭଳି ପ୍ରମୁଖ ବ୍ୟକ୍ତିଙ୍କୁ ଅଭିଯୁକ୍ତ କରିବା ପରିବର୍ତ୍ତେ କାହିଁକି କେବଳ ସାକ୍ଷୀ କରାଗଲା ବୋଲି ରମେଶ ପ୍ରଶ୍ନ କରିଛନ୍ତି।ମନ୍ଦିରରେ ଦାନ ଅର୍ଥର ପରିଚାଳନା ଏବଂ ତଦାରଖ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ଭୂମିକା ଯାଞ୍ଚ ନହେଲେ ପୂରା ସତ୍ୟ ପଦାକୁ ଆସିପାରିବ ନାହିଁ ବୋଲି କଂଗ୍ରେସ କହିଛି । ଏହି ଘଟଣାର ତାର ବିଜେପି ଓ ଆରଏସଏସର ଶୀର୍ଷ ନେତୃତ୍ୱ ଯାଏଁ ଲମ୍ବିଛି କି ବୋଲି ଜୟରାମ ରମେଶ ସନ୍ଦେହ ପ୍ରକାଶ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମରେ ଭକ୍ତମାନେ ଦେଇଥିବା ଶ୍ରଦ୍ଧାର ଭେଟି ଟଙ୍କା ହରିଲୁଟ୍ ଘଟଣାରେ ସମ୍ପୂର୍ଣ୍ଣ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସ୍ଥିର ନହେବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ଶେଷ ବୋଲି ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ନ୍ୟୁ କାଲିଡୋନିଆରେ ୬.୬ ତୀବ୍ରତାଯୁକ୍ତ ଶକ୍ତିଶାଳୀ ଭୂମିକମ୍ପ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ପ୍ରଶାନ୍ତ ମହାସାଗରର ଫରାସୀ ଦ୍ୱୀପ ନ୍ୟୁ କାଲେଡୋନିଆ ନିକଟରେ ସମୁଦ୍ରରେ ଏକ ଶକ୍ତିଶାଳୀ ୬.୬ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି। ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ(ୟୁଏସଜିଏସ) ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ତଳେ ପ୍ରାୟ ୧୦ କିଲୋମିଟର ଗଭୀରରେ ଥିଲା। ୟୁଏସ ସୁନାମି ସତର୍କତା ପ୍ରଣାଳୀ କହିଛି ଯେ, ଭୂମିକମ୍ପ ଯୋଗୁଁ ହାୱାଇ, ଗୁଆମ, ଉତ୍ତର ମାରିଆନା ଦ୍ୱୀପପୁଞ୍ଜ କିମ୍ବା ଆମେରିକୀୟ ସାମୋଆ ପାଇଁ କୌଣସି ସୁନାମି ବିପଦ ନାହିଁ। ଶନିବାର ପୂର୍ବାହ୍ନ ୯ଟା ସମୟରେ ଭାରତର ଆସାମର ଗୋଲପାରାରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩ ଥିଲା। ଏହାର ଗଭୀରତା ଭୂପୃଷ୍ଠର ୫ କିଲୋମିଟର ତଳେ ଥିଲା।ନ୍ୟୁ କାଲିଡୋନିଆ ପ୍ରଶାନ୍ତ ମହାସାଗରର ଏପରି ଏକ ଅଞ୍ଚଳରେ ଅବସ୍ଥିତ ଯେଉଁଠାରେ ଭୂମିକମ୍ପ ସାଧାରଣତଃ ଘଟିଥାଏ। ଏହି ଅଞ୍ଚଳ ପ୍ରଶାନ୍ତ ମହାସାଗରର ରିଙ୍ଗ ଅଫ୍ ଫାୟାର ନିକଟରେ ଅବସ୍ଥିତ। ଯେଉଁଠାରେ ଅନେକ ଟେକ୍ଟୋନିକ୍ ପ୍ଲେଟ୍ ଗତି କରିବା ଦ୍ୱାରା ବାରମ୍ବାର ଭୂମିକମ୍ପ ଏବଂ ଆଗ୍ନେୟଗିରି ଉଦଗିରଣ ଘଟିଥାଏ।

## ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ରାଜଧାନୀ ଲକ୍ଷ୍ନୌ ସମେତ ଉତ୍ତର ପ୍ରଦେଶର ଅଧିକାଂଶ ଜିଲ୍ଲାରେ ଗୁରୁବାରଠାରୁ ଲାଗି ରହିଥିବା ବର୍ଷା ଶନିବାର ମଧ୍ୟ ଜାରି ରହିଛି। ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିବାବେଳେ କାନ୍ଥ ଭୁଶୁଡି ପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଶ୍ରାବସ୍ତି ଜିଲ୍ଲାରେ କାନ୍ଥ ଭୁଶୁଡି ଜଣେ ଯୁବକ ଆହତ ହୋଇଛନ୍ତି।ବଳରାମପୁର, ଆମେଠି, ଅଯୋଧ୍ୟା, ସୀତାପୁର, ସୁଲତାନପୁର ସମେତ ଅନେକ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡି ଯାତାୟାତ ପ୍ରଭାବିତ ହୋଇଛି। ବର୍ଷା ଓ ଗଛ ଭାଙ୍ଗିବା ଯୋଗୁ ବିଭିନ୍ନ ଜିଲ୍ଲାରେ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଛି। ରାଜଧାନୀ ଲକ୍ଷ୍ନୌ ସମେତ ଅନେକ ଜିଲ୍ଲାରେ ଶନିବାର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଥିଲା। ଅନେକ ସହରରେ ତାପମାତ୍ରା ୯ରୁ ୧୦ ଡିଗ୍ରିକୁ ଖସି ଆସିଛି। ପାଣିପାଗ ବିଭାଗ ଆଲର୍ଟ ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୫୯ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ୫ ଜିଲ୍ଲା ସିଦ୍ଧାର୍ଥ ନଗର, ଗୋଣ୍ଡା, ବଳରାମପୁର, ଶ୍ରାବସ୍ତି, ବାହରାଇଚ ଓ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ୨୭ ତାରିଖ ପର୍ଯ୍ୟନ୍ତ ବିଜୁଳି ଘଡଘଡି ସହିତ ରାଜ୍ୟରେ ବର୍ଷା ଲାଗି ରହିପାରେ। ପ୍ରବଳ ବର୍ଷା ଯୋଗୁଁ ବହରାଇଚର କୈସରଗଞ୍ଜ ଥାନା ଅଞ୍ଚଳର ଦେଓ୍ୱାଲାଖା ଗାଁରେ ଏକ ଚାଳ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ କୁନ୍ତଲାଲଙ୍କ ପତ୍ନୀ ୫୨ ବର୍ଷୀୟା ନାନକାଇଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିଜ ନିଜ କ୍ଷେତ୍ର ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରେଡ ଆଲର୍ଟ କିମ୍ବା ଆକସ୍ମିକ ବନ୍ୟା ଆଶଙ୍କା ଥିବା ଜିଲ୍ଲାରେ ସ୍କୁଲ ବନ୍ଦ ରଖିବାକୁ କୁହାଯାଇଛି। ବଜ୍ରପାତ ଓ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରି ୨୪ ଘଣ୍ଟା ମଧ୍ୟରେ ସହାୟତା ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଟ୍ରମ୍ପ ଖାରଜ କଲେ ଇରାନର ପ୍ରସ୍ତାବ !

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ଚାଲିଥିବା ଯୁଦ୍ଧ ଭିତରେ ଏବେ ପୁଣି ଉତ୍ତେଜନା ବଢ଼ିଛି। ଇରାନ ପକ୍ଷରୁ ଯୁଦ୍ଧ ବନ୍ଦ କରିବା ଏବଂ ରଣନୈତିକ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ଷ୍ଟ୍ରେଟକୁ ଖୋଲିବା ପାଇଁ ୭ ଦିନିଆ ପ୍ରସ୍ତାବ ଦିଆଯାଇଥିବା ବେଳେ,ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟ ଅନୁସାରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସ୍ତାବକୁ ଖାରଜ କରିଛନ୍ତି। ରିପୋର୍ଟରେ ଆମେରିକୀୟ ଅଧିକାରୀଙ୍କୁ ଉଦ୍ଧୃତ କରାଯାଇଛି। ଇରାନର ବିଦେଶ ମନ୍ତ୍ରୀ ଅବ୍ବାସ ଆରାଗଚି କହିଛନ୍ତି ଯେ, ତେହରାନ ପକ୍ଷରୁ ଆମେରିକାକୁ ଏକ 'କଂକ୍ରିଟ୍' ୭ ଦିନିଆ ଯୋଜନା ଦିଆଯାଇଛି। ଏହି ପ୍ରସ୍ତାବ ମଧ୍ୟସ୍ଥଙ୍କ ଜରିଆରେ ଆମେରିକା ପାଖରେ ପହଞ୍ଚିଥିବା କୁହାଯାଇଛି।ଇରାନର କହିବା ଅନୁସାରେ, ଆବଶ୍ୟକ ସର୍ତ୍ତ ପୂରଣ ହେଲେ ୭ ଦିନ ମଧ୍ୟରେ ହର୍ମୁଜ୍ ଷ୍ଟ୍ରେଟରେ ସାଧାରଣ ସାମୁଦ୍ରିକ ଯାତାୟାତ ପୁଣି ଆରମ୍ଭ ହୋଇପାରିବ। ଏହା ସହିତ ଯୁଦ୍ଧ ବନ୍ଦ ଏବଂ ପରମାଣୁ କାର୍ଯ୍ୟକ୍ରମ ନେଇ ଆଲୋଚନା ପୁଣି ଆରମ୍ଭ କରିବାର ରାସ୍ତା ମଧ୍ୟ ଖୋଲିପାରେ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟ ଅନୁସାରେ, ଟ୍ରମ୍ପ ଇରାନର ଏହି ୭ ଦିନିଆ ସିଜଫାୟାର୍ ପ୍ରସ୍ତାବକୁ ଖାରଜ କରିଛନ୍ତି। ଆମେରିକୀୟ ଅଧିକାରୀଙ୍କ ଅନୁସାରେ, ଟ୍ରମ୍ପ ତାଙ୍କ ସହଯୋଗୀଙ୍କୁ ନଭେମ୍ବରର ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଇରାନ ଉପରେ ଆମେରିକୀୟ ବୋମାମାଡ଼ ପୁଣି ଆରମ୍ଭ ହୋଇପାରେ ବୋଲି କହିଥିବା ରିପୋର୍ଟ ରହିଛି।ତେବେ ଏହା ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଏବଂ ଆମେରିକୀୟ ଅଧିକାରୀଙ୍କ ସୂଚନା ଉପରେ ଆଧାରିତ। ଅନ୍ୟପଟେ, ଇରାନୀ ବିଦେଶ ମନ୍ତ୍ରୀ କହିଛନ୍ତି ଯେ ଏହି ପ୍ଲାନ୍ ଉପରେ ନିଷ୍ପତ୍ତି ଏବେ ଆମେରିକାର ହାତରେ ରହିଛି। ହର୍ମୁଜ୍ ଷ୍ଟ୍ରେଟ୍ ହେଉଛି ଖାଡ଼ି ଅଞ୍ଚଳରୁ ବିଶ୍ୱ ବଜାରକୁ ତେଲ ଓ ଅନ୍ୟାନ୍ୟ ଶକ୍ତି ସମ୍ପଦ ପରିବହନ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ। ଏହି ଜଳପଥରେ ବାଧା ସୃଷ୍ଟି ହେଲେ ତେଲ ଯୋଗାଣ ଓ ଅନ୍ତର୍ଜାତୀୟ ବଜାର ଉପରେ ପ୍ରଭାବ ପଡ଼ିପାରେ।ସେଥିପାଇଁ ଆମେରିକା-ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଭିତରେ ହର୍ମୁଜ୍ ଷ୍ଟ୍ରେଟକୁ ନେଇ ଆସୁଥିବା ପ୍ରତ୍ୟେକ ଖବର ଉପରେ ବିଶ୍ୱ ବଜାରର ନଜର ରହିଛି। ଇରାନ ଯୁଦ୍ଧ ବନ୍ଦ, ହର୍ମୁଜ୍ ଷ୍ଟ୍ରେଟ୍ ଖୋଲିବା ଏବଂ ଆଲୋଚନା ପୁଣି ଆରମ୍ଭ କରିବା ପାଇଁ ୭ ଦିନର ରୋଡମ୍ୟାପ୍ ଦେଇଥିବା କହିଛି। କିନ୍ତୁ ଟ୍ରମ୍ପ ଏହି ପ୍ରସ୍ତାବ ଖାରଜ କରିଥିବା ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ପ୍ରକାଶ କରିଛି। ଫଳରେ ଯୁଦ୍ଧ ଓ କୂଟନୈତିକ ଆଲୋଚନା ଦୁଇଟି ଦିଗକୁ ନେଇ ଆଗକୁ କ'ଣ ଘଟିବ, ତାହା ଉପରେ ନଜର ରହିଛି।

# ବିଜେପି ମୋ ଅଭିଜ୍ଞତାକୁ ବ୍ୟବହାର କରୁନି

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା କ୍ୟାପ୍‌ଟେନ୍ ଅମରିନ୍ଦର ସିଂହ ଦଳର ଆଭ୍ୟନ୍ତରୀଣ ପରିଚାଳନାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟରେ ଆଗାମୀ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ସରକାର ଗଠନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ, ପଞ୍ଜାବ ରାଜନୀତିରେ ତାଙ୍କର ଛଅ ଦଶନ୍ଧିର ସୁଦୀର୍ଘ ଅଭିଜ୍ଞତା ଥାଇ ବି ଦଳ ତାଙ୍କର ମତାମତ ଲୋଡୁନଥିବା ସେ କହିଛନ୍ତି। ଏକ ସାକ୍ଷାତକାରରେ ଦୁଇଥରର ମୁଖ୍ୟମନ୍ତ୍ରୀ ରହିସାରିଥିବା ଅମରିନ୍ଦର ପ୍ରକାଶ କରିଛନ୍ତି ଯେ ରାଜ୍ୟ ଦାୟିତ୍ୱରେ ଥିବା କେତେକ ବିଜେପି ପଦାଧିକାରୀଙ୍କର ପଞ୍ଜାବ ରାଜନୀତିରେ ବର୍ଷେ ବି ପୂରିନାହିଁ। ଏହା ସତ୍ତ୍ୱେ ବିଗତ ୬୦ ବର୍ଷ ଧରି ରାଜ୍ୟର ନିର୍ବାଚନ ଓ ଆଞ୍ଚଳିକ ସମସ୍ୟାକୁ ନିକଟରୁ ଦେଖିଥିବା ନେତାଙ୍କ ସହ କୌଣସି ଆଲୋଚନା କରାଯାଉନାହିଁ। ନିଜର ଏବଂ ନିଜ ସହଯୋଗୀଙ୍କ ଅଭିଜ୍ଞତାକୁ ବିଜେପି ସମ୍ମାନ ଦେବା ସହ ପରାମର୍ଶ ନେବା ଉଚିତ୍ ବୋଲି ସେ ଆଶା ପ୍ରକାଶ କରିଛନ୍ତି।୨୦୨୧ରେ କଂଗ୍ରେସ ଛାଡ଼ି ନିଜସ୍ୱ ଦଳ 'ପଞ୍ଜାବ ଲୋକ କଂଗ୍ରେସ' ଗଠନ କରିଥିବା ଅମରିନ୍ଦର, ୨୦୨୨ରେ ଏହାକୁ ବିଜେପି ସହ ମିଶ୍ରଣ କରିଥିଲେ। ତେବେ ଏହି ବକ୍ତବ୍ୟ ପରେ ସେ ପୁଣି କଂଗ୍ରେସକୁ ଫେରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲେ ବି ସେ ବିଜେପି ଛାଡ଼ିବା ଚିନ୍ତା କରୁନଥିବା ସ୍ପଷ୍ଟ କରିଛନ୍ତି। ପଞ୍ଜାବ ବିଷୟରେ ନିଜର ମତାମତ ରଖିବା ବିଜେପିର ଜଣେ ଦାୟିତ୍ୱବାନ ସଦସ୍ୟ ଭାବେ ତାଙ୍କର କର୍ତ୍ତବ୍ୟ ଏବଂ ଏହାର ଅର୍ଥ ଦଳ ଛାଡ଼ିବା ନୁହେଁ ବୋଲି ସେ ଦୋହରାଇଛନ୍ତି।ସେହିପରି ନିଜ ବୟସକୁ ନେଇ ଉଠୁଥିବା ପ୍ରଶ୍ନର ଉତ୍ତରରେ ୮୪ ବର୍ଷୀୟ ଅମରିନ୍ଦର କହିଛନ୍ତି ଯେ ବୟସ ରାଜନୈତିକ କ୍ୟାରିୟରର ଅନ୍ତ ଘଟାଏ ନାହିଁ। ଏହି ପ୍ରସଙ୍ଗରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଉଦାହରଣ ଦେଇଥିଲେ। ପୂର୍ବତନ କ୍ରିକେଟର ବିଶନ ସିଂହ ବେଦୀଙ୍କ ସ୍ମରଣାର୍ଥ ଉନ୍ମୋଚିତ ପୁସ୍ତକ 'ବିଶନ୍ ୱିଥ୍ ଲଭ୍'ର ଉନ୍ମୋଚନ ଉତ୍ସବରେ ସେ ଏହି ବକ୍ତବ୍ୟ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ କପିଲ ଦେବଙ୍କ ଭଳି ପ୍ରସିଦ୍ଧ କ୍ରିକେଟରମାନେ ଉପସ୍ଥିତ ଥିଲେ। ଫାରୁକ ଅବଦୁଲ୍ଲା ମଧ୍ୟ ଅମରିନ୍ଦର ପୁଣିଥରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଇଚ୍ଛା ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ପଞ୍ଜାବର ୧୧୭ଟି ଆସନ ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।



## ଛାତ୍ରମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସୁରକ୍ଷା ଦେବାକୁ ନ୍ୟାୟପାଳିକା ପ୍ରତିବଦ୍ଧ: ସିଜେଆଇ ସୂର୍ଯ୍ୟକାନ୍ତ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)** ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଛାତ୍ରମାନଙ୍କ ମୌଳିକ ଅଧିକାରର ସୁରକ୍ଷା କରିବା ପାଇଁ ନ୍ୟାୟପାଳିକା ପ୍ରତିବଦ୍ଧ, ଯେତେବେଳେ ଛାତ୍ରମାନଙ୍କ ଅଧିକାରର ଉଲ୍ଲଂଘନ ହୁଏ ସେତେବେଳେ ନ୍ୟାୟପାଳିକା ଆଖି ବନ୍ଦ କରି ବସି ପାରିବ ନାହିଁ। ଶନିବାର ପାଟନାସ୍ଥିତ ଚାଣକ୍ୟ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ସିଏନ୍‌ଏଲ୍‌ୟୁ) କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ସହିତ ଆଲୋଚନାବେଳେ ସିଜେଆଇ ଏହା କହିଛନ୍ତି। ସିଏନ୍‌ଏଲ୍‌ୟୁ ବିବୃତି ଅନୁଯାୟୀ, ଜଣେ ଛାତ୍ର ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନ ଉପରେ ପୁଲିସ ପ୍ରତିକ୍ରିୟା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଛାତ୍ରଙ୍କ ପ୍ରଶ୍ନ ନିଟ୍ ପରୀକ୍ଷା ଅନିୟମିତତା ନେଇ ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ ପରିପ୍ରେକ୍ଷୀରେ ଥିଲା। ସିଜେଆଇ କହିଛନ୍ତି ଯେ, ପୁଲିସ ଦମନ ସହିତ ଜଡିତ ମାମଲାଗୁଡ଼ିକୁ କୋର୍ଟ ଅଣଦେଖା କରିବେ ନାହିଁ ଓ ଛାତ୍ରମାନଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାରକୁ ସୁରକ୍ଷା ଦେବା ପାଇଁ ନ୍ୟାୟପାଳିକାର ପ୍ରତିବଦ୍ଧ। ସିଜେଆଇ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ଭି କାମେଶ୍ୱର ରାଓ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହିତ ସିଏନ୍‌ଏଲ୍‌ୟୁ କ୍ୟାମ୍ପସ ପରିଦର୍ଶନ କରିଥିଲେ। ନାଲସାର୍ ଓ ଏନ୍‌ଏଲ୍‌ଏସ୍‌ଆଇୟୁ ବେଙ୍ଗାଲୁରୁ ଛାତ୍ରମାନଙ୍କ ପକ୍ଷରୁ ସିଜେଆଇଙ୍କୁ ବିରୋଧ ପରିପ୍ରେକ୍ଷୀରେ ଏହି କଥାବାର୍ତ୍ତା ଗୁରୁତ୍ୱପୂର୍ଣ୍ଣ ରହିଥିଲା।

**ଏସ୍‌ଆଇଆର୍ ବିବାଦ**

# ଇସିଙ୍କଠାରୁ ସ୍ପଷ୍ଟିକରଣ ମାଗିଲେ କୁମାରସ୍ୱାମୀ

**ନୂଆଦିଲ୍ଲୀ,୨୭।୯ :(ମନ୍ଥନ)**ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଜାରି ବିବାଦ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ ଶନିବାର ନିର୍ବାଚନ କମିଶନ (ଇସି)ଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। କୁମାରସ୍ୱାମୀ କହିଛନ୍ତି ଯେ, ନିର୍ବାଚନ ଆୟୋଗରେ ଥିବା ଆଭ୍ୟନ୍ତରୀଣ ମତଭେଦର ରିପୋର୍ଟକୁ ସମାଧାନ କରିବାର ଦାୟିତ୍ୱ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ ଓ ଦେଶକୁ ଏହା ଜାଣିବା ଆବଶ୍ୟକ ଯେ, ସାମ୍ବିଧାନିକ ସଂସ୍ଥା ମଧ୍ୟରେ ପ୍ରକୃତରେ କ'ଣ ଘଟୁଛି। ଏହା କୌଣସି ଦଳ କିମ୍ବା କୌଣସି ନେତାଙ୍କ ଦାବିର ପ୍ରଶ୍ନ ନୁହେଁ। ନିର୍ବାଚନ କମିଶନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ବାସ୍ତବତା କ'ଣ ନିର୍ବାଚନ କମିଶନ ଭିତରେ କ'ଣ ଚାଲିଛି ବୋଲି କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି।ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିସନରଙ୍କ ମଧ୍ୟରେ ତୀବ୍ର ମତଭେଦଜନିତ ଖବର ଏନ୍‌ଡିଏ ମେଣ୍ଟରେ



ସଙ୍କଟ ବଢାଇଛି। ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ମେଣ୍ଟ ନେତାଙ୍କ ଖୋଲା ଅସନ୍ତୋଷ ବିଜେପିକୁ ଅଡୁଆରେ ପକାଇଛି। ଶୁକ୍ରବାର ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ, ଆର୍‌ଏଲ୍‌ଏମ୍ (ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା) ମୁଖ୍ୟ ଉପେନ୍ଦ୍ର କୁଶୱାହା, ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏସ୍‌ଆଇଆର୍ ପ୍ରସଙ୍ଗରେ ପୋଲ ପ୍ୟାନେଲ ମଧ୍ୟରେ ମତଭେଦ ରିପୋର୍ଟ ସମ୍ପର୍କରେ ଚିନ୍ତାକୁ ଦୂର କରିବା ପାଇଁ ଇସିଙ୍କୁ ପୃଥକ ଭାବରେ ଅନୁରୋଧ କରିଥିଲେ।କୁମାରସ୍ୱାମୀ କହିଛନ୍ତି, ଆମେ ଗଣମାଧ୍ୟମରେ ଯାହା ଦେଖୁଛନ୍ତି ଓ ପ୍ରକୃତ କଥା ଏଠାରେ କ'ଣ ଘଟୁଛି ତାହା ଗଣମାଧ୍ୟମ ଓ ସାରା ଦେଶ ଜାଣିବା କଥା। ନିର୍ବାଚନ ଆୟୋଗ ଏକ ସ୍ୱୟଂଶାସିତ ଅନୁଷ୍ଠାନ ତେଣୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଦୁଇ ନିର୍ବାଚନ ଆୟୋଗଙ୍କ ମଧ୍ୟରେ କ'ଣ ସମସ୍ୟା ରହିଛି ତାହା ବାହାରକୁ ଆସିବା ଦରକାର। ସୂଚନାଯୋଗ୍ୟ, ଦୈନିକ ଇଂଲିଶ ଖବରକାଗଜ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ଏକ ରିପୋର୍ଟକୁ ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିବାଦରେ ଅଛନ୍ତି। ରିପୋର୍ଟରେ କୁହାଯାଇଥିଲା ଯେ, ସିଇସିଙ୍କ କାର୍ଯ୍ୟରେ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ୧୪ ଥର ଆପତ୍ତି ପ୍ରକାଶ କରିଥିଲେ। ତେବେ ଇସିଆଇ କହିଛି ଯେ, ଭିନ୍ନ ଭିନ୍ନ ମତ, ଆଭ୍ୟନ୍ତରୀଣ ଟିପ୍ପଣୀ ଓ ପ୍ରଶ୍ନ ଏହାର ସାଂଗଠନିକ କାର୍ଯ୍ୟକାରିତାର ଅଂଶ। କିନ୍ତୁ ଏସ୍‌ଆଇଆର୍ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଥିଲା।ଝାଡ଼ଖଣ୍ଡ ମନ୍ତ୍ରୀ ଇରଫାନ ଅନସାରୀ ଏସ୍‌ଆଇଆର୍ କାର୍ଯ୍ୟ ପାଇଁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ସମାଲୋଚନା କରିଛନ୍ତି ଓ ଅଭିଯୋଗ କରିଛନ୍ତି ଯେ, ଭୋଟର ତାଲିକାରୁ ନାମ ବାଦ ଦିଆଯାଇଛି। ଇସିଆଇ ବିଜେପି ନିର୍ଦ୍ଦେଶରେ କାମ କରୁଛି ବୋଲି ଅନସାରୀ କହିଛନ୍ତି।

